Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 41
Tuesday, 14 April 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା,
ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା
ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ
ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର
କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବଡ଼ବିଲ ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୪ (ଆ.ପ୍ର) : କଥା ଦେଇ କଥା ରଖିଲେ ରାଜ୍ୟ ସରକାର । ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲର ଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଲିଡିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଂଚଳବାସୀଙ୍କ ଦୀର୍ଘ ପ୍ରତିକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି । ଗତବର୍ଷ ଘଟଣାଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ବଡ଼ବିଲ ବାସୀଙ୍କୁ ଦେଇଥିଲେ ଏବଂ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ବିଜିନ୍ସ ଜନୁୟନ ମୂଳକ ପ୍ରକଳ୍ପ ଗୁଡ଼ିକର ଲିଡିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଲିଡିପ୍ରସ୍ତର ସ୍ଥାପନ କରିଛନ୍ତି । ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡ଼ର ଦେଖିଁ ଦେଇଛି ୧୮ କିଲୋମିଟର ୩୨୬ ମିଟର । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଂଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ

ସତ ଷ୍ଟେସନ ନିର୍ମାଣ ହେବ ଏବଂ ୮ ଲେନ ବିଶିଷ୍ଟ ବଡ଼ବିଲ - ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଆମ ଲୋକଙ୍କ ସୁଖ ଦୁଃଖର ସରକାର ଆଉ କଥା ଦେଇ କଥା ରଖିବାର ସରକାର । ଲୋକଙ୍କୁ ଦେଇଥିବା ଅନେକ କଥା ମଧ୍ୟରୁ ଆଜି ଆଉ ଗୋଟିଏ କଥା ଆମେ ରଖିଛୁ ବୋଲି କହି ମୁଖ୍ୟମନ୍ତ୍ରୀ ସଭାସ୍ଥଳୀକୁ ସମ୍ବୋଧନ କରିଥିଲେ ଏବଂ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ସାହ ଓ ଉଲ୍ଲାସର ସହ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝର ଘାଟ ବଡ଼ବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ମୁଁ ସବୁ ଜାଣିଛି । ମୁଁ ନିଜେ ଗୋଟିଏ ଭୁକ୍ତଭୋଗୀ । ତେଣୁ, ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତ୍ତି ନେଇଥିଲେ । ଆଜି ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିଲୋମିଟରରୁ ଊର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ଼ର ଶିଳାନ୍ୟାସ କରାଗଲା । ଉକ୍ତ ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିଲୋମିଟର, ସେରେଣ୍ଡାରୁ ବଳାଣି ପର୍ଯ୍ୟନ୍ତ ୬.୩ କିଲୋମିଟର ଏବଂ ସେରେଣ୍ଡାରୁ ନଳ୍‌ଦା ପର୍ଯ୍ୟନ୍ତ ହେଉଛି ୮.୩ କିଲୋମିଟର । ଏ ପୁରା ବାଇପାସ୍ ଆପଣମାନଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ । ଏହାର ଡିଜାଇନ୍ ଅତ୍ୟନ୍ତ ଉନ୍ନତ ମାନର ହେବ ଏବଂ ଅଧିକ ଗାଡ଼ିର ବୋଝ ବା ଟ୍ରାଫିକ୍ ସମ୍ବାଳିଲାଭଳି ଦୃଢ଼ତା ଏହାର ରହିବ । ଆଧୁନିକ ଡିଜାଇନ୍ ଅନୁଯାୟୀ ଦିନକୁ ୪୦ ହଜାର ପାସେଞ୍ଜର କାର ଗଲାପରି ସଡ଼କ ନିର୍ମାଣ ହେବାର ଆବଶ୍ୟକତା ରହିଛି । ଏହି ରିଂ-ରୋଡ଼ରେ ଏବେକି ଗାଡ଼ି ଚଳାଚଳ କରିବାର କ୍ଷମତା ରହିଛି । ବର୍ତମାନ ଦିନକୁ ସର୍ବାଧିକ ୧୫ ହଜାର ୩୭୫ ପାସେଞ୍ଜର କାର୍ ଯାଉଛି । ଆଗାମୀ ଦିନରେ ଏହି ରିଂ-ରୋଡ୍ ସମ୍ପୂର୍ଣ୍ଣ ହେବା ପରେ, ଏଥିରେ ୪୦ ହଜାର କାର୍ ଯିବାର କ୍ଷମତା ରହିବ । ଏହା ଦ୍ୱାରା ବଡ଼ବିଲ ସହରର କଳେବର ମଧ୍ୟ ବୃଦ୍ଧିହେବ । ରିଂ-ରୋଡ୍ ଉଭୟ ପାର୍ଶ୍ୱରେ ଅଧିକ ହାରାରିଂ କଲୋନୀ ଗଢିଉଠିବ ଓ ଇକୋନୋମିକ୍ ଆକ୍ଟିଭିଟି ମଧ୍ୟ ବଢିବ । ଯେଉଁ ଗାଡ଼ିଗୁଡ଼ିକ ଏହି ରୁଟରେ ଅପରେଟ୍ କରିବ ତାଙ୍କର ଅପରେଟିଙ୍ଗ ଖର୍ଚ୍ଚ ମଧ୍ୟ କମିବ ଏବଂ ଏହାଦ୍ୱାରା ଆମର ଅର୍ଥନୀତିକୁ ମଧ୍ୟ ଏହାର ଏକ ବଡ଼ ଅବଦାନ ରହିବ । ମୋଟ୍ ଉପରେ ଏହି ପ୍ରକଳ୍ପଟି ଆମ ଅଂଚଳରେ ସମୃଦ୍ଧି ଆଣିବ । ଏଥିସହିତ ଆଜି ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ ହୋଇଛି । ୯୫ କୋଟି ଟଙ୍କା ବିନିଯୋଗରେ ୧୦ କିଲୋମିଟର ଦୀର୍ଘ ବାମୁଣ୍ଡା - ପଲାସା - ଗୁରୁଡ଼ା - କୋଇଡା ସଡ଼କ ପାଇଁ ଶିଳାନ୍ୟାସ କରାଗଲା । ଏହା ସହିତ ସୁଆଳତି - ତୁତୁଳା - କାଳିମାଟି ସାତ୍ରେ ସାତ କିଲୋମିଟର ସଡ଼କ ପାଇଁ ଶିଳାନ୍ୟାସ କରାଗଲା । ଏଥିପାଇଁ ୩୦ କୋଟି ଟଙ୍କା ବିନିଯୋଗ ହେବ ।

ପଞ୍ଚଭୂତରେ ଲୀନ ହେଲେ ଆଶା ଭୋସଲେ

ନୂଆଦିଲ୍ଲୀ , ୧୩/୪ (ନ୍ୟୁ.ଏ): ଜଣାଶୁଣା ଗାୟିକା ଆଶା ଭୋସଲେଙ୍କ ଶେଷକୃତ୍ୟ ସମ୍ପନ୍ନ । ମୁମ୍ବାଇର ଶିବାଜୀ ପାର୍କରେ ଅନ୍ତିମ ସଂସ୍କାର ହୋଇଛି । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କୁ ଦିଆଯାଇଛି ଅନ୍ତିମ ବିଦାୟ । ପୁଅ ଆନନ୍ଦ ମୁଖାଗ୍ନୀ ଦେଇଥିଲେ । ପରିବାର

ଲୋକଙ୍କ ସହ ଉପସ୍ଥିତ ସମସ୍ତଙ୍କ ଆଖିରୁ ଲୁହ ଝରି ଆସିଥିଲା । ଆଜ ଶେଷ ବିଦାୟ ଦିଆଯାଇଥିଲା ଏହି ବର୍ଷୀୟାନ ଗାୟିକାଙ୍କୁ । ଏକ ଶୋକାକୁଳ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି ଶେଷକୃତ୍ୟ । ଶିବାଜୀ ପାର୍କ ନିକଟସ୍ଥ ଦୋଲଯାଇଥିବାବେଳେ ସମସ୍ତଙ୍କ ଆଖିରେ କେବଳ ଲୁଚି ରହିଥିଲା ଲୁହ ଏବଂ ଲୁହ । ରବିବାର ମୁମ୍ବାଇର ବ୍ରିଚ୍‌କାଣ୍ଡି ସମିଟାଳରେ ଆଶାଙ୍କ ପରଲୋକ ହୋଇଥିଲା । ସୋମବାର ସକାଳ ୧୦:୩୦ ରୁ ଅପରାହ୍ନ ୨:୦୦ ଟା ପର୍ଯ୍ୟନ୍ତ କଳା ଗ୍ରାଣ୍ଡେ ସିନ୍ଧୁଂରେରେ ମରଣଶୀତଳକୁ ଦର୍ଶନ କରିଥିଲେ । ଆଶା ଭୋସଲେଙ୍କ ଶେଷ ଦର୍ଶନ ପାଇଁ ସେଲିବ୍ରିଟିମାନେ ତାଙ୍କ ପରେ ପହଞ୍ଚିଥିଲେ । ଆଶା ଭୋସଲେଙ୍କ ପରିବାର ଦୁଃଖରେ ଗାଢ଼ିଫିଡ଼ିଥିବାବେଳେ ସମସ୍ତେ ଶାନ୍ତ୍ୱନା ଦେଇଥିଲେ । ଆଶାଙ୍କ ନାତୁଣୀ ଜନାଲ ଅଧିକ ଭାବପ୍ରବଣ ହୋଇପଡ଼ିଥିଲେ । ନାତୁଣୀ ଅଭିନେତ୍ରୀ ତବୁକୁ ଧରି କାନ୍ଦିବାର ଦେଖିବାକୁ ମିଳିଥିଲେ । ତେବେ ଜେବଳ ପରିବାର ଲୋକ ଦୁର୍ଦ୍ଦିନ ବଂଶ ମାଷ୍ଟର ଲ୍ୟାଷ୍ଟର ସଚିନ ତେନ୍ଦୁଲକର ବି ଏତେ ରାଢ଼ି ପଡ଼ିଛନ୍ତି ଯେ, ତାଙ୍କ ଆଖିରେ ଦେଖିବାକୁ ମିଳିଥିଲା ଲୁହ । ସଚିନ ତେନ୍ଦୁଲକର ଆଶା ଭୋସଲେଙ୍କୁ ଶେଷ ଦର୍ଶନ କରିଥିଲେ । କେବଳ ତତ୍ତୁ, ସଚିନ ତେନ୍ଦୁଲକର ନୁହେଁ ଗିଡେଶ ଦେଶମୁଖ, ରଣବୀର ସିଂ, ଜ୍ୟାକି ଶ୍ରଫ, ହେଲେନ, ଏକନାଥ ସିନ୍ଦେ ତଥା ଅନେକ ବଲିଉଡ଼ି ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ଅନ୍ତିମ ଯାତ୍ରାରେ ଯାଇଥିବାବେଳେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । କହି ରଖୁଛୁ କି,ଆଶାଙ୍କୁ ଭାରତୀୟ ସିନେମା ଇତିହାସର ଜଣେ ମହାନ ଗାୟିକା ଭାବରେ ବିବେଚନା କରାଯାଏ । ସେ ୧୦ ବର୍ଷ ବୟସରୁ ଗୀତ ଗାଇବା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଗୀତ ୧୯୪୩ ମସିହାରେ ଏକ ମରାଠୀ ଚଳଚ୍ଚିତ୍ର ପାଇଁ ଥିଲା । ପରବର୍ତ୍ତୀ ସମୟରେ ତାଙ୍କ କଣ୍ଠସ୍ୱର ତାଙ୍କୁ ଶିଖରେ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥିଲା । ସେ ତାଙ୍କ କ୍ୟାରିଅରରେ ୧୨,୦୦୦ ରୁ ଅଧିକ ଗୀତ ଗାଇଥିଲେ ।

ଷ୍ଟେସନରେ ମିଳିବ ୫ କେଜିଆ ଗ୍ୟାସ

ଭୁବନେଶ୍ୱର, ୧୩/୪ (ଆ.ପ୍ର) : ଗ୍ୟାସ ପାଇଁ ଆଉ ହେବାକୁ ପଡିବନି ହଇରାଣ । ପେଟ୍ରୋଲ ପମ୍ପ ପରେ ଏବେ ଷ୍ଟେସନରେ ଗ୍ୟାସରେ ମିଳିବ ଗ୍ୟାସ । ସରକାର ନେଲେ ବଡ଼ ପଦକ୍ଷେପ । ପ୍ରବାସୀଙ୍କ ପାଇଁ ପାଂଚ କେଜିଆ ଗ୍ୟାସ ବ୍ୟବସ୍ଥା କରିଛନ୍ତି ସରକାର । ରାଜ୍ୟରେ ନାହିଁ ଆଉ ଗ୍ୟାସ ସଙ୍କଟ । ପୂର୍ବରୁ ପାଂଚ କେଜିଆ ଗ୍ୟାସକୁ ନେଇ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ପାଂଚ କେଜିଆ ଗ୍ୟାସ ବ୍ୟବସ୍ଥା କରାଯାଇଛି । ପେଟ୍ରୋଲ ପମ୍ପରେ ଗ୍ୟାସ ଉପଲବ୍ଧ ହେଉଛି । ଏହାସହିତ ଷ୍ଟେସନରେ ଗ୍ୟାସ ମିଳିବା ଆରମ୍ଭ କରିଛି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ଗ୍ୟାସ ଷ୍ଟେସନ ଖୋଲିବାକୁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଜାଳାନ ସହ ଆମେରିକାର ଯୁଦ୍ଧ ଭିତରେ ଗ୍ୟାସ ଓ ତୈଳର ଅଭାବ ସାରା ଦେଶରେ ଦେଖାଦେଇଛି । ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡ଼ିଥିଲା । ଦେଶରେ ଗ୍ୟାସ୍ ସାମୟିକ ଅଭାବ ଦେଖାଦେବା ଫଳରେ ସଦ୍ଭୁତ୍ତ ଅଧିକ ଦରଦର ହୋଇଥିଲେ ଦିନ ମଜୁରିଆ ଓ ପ୍ରବାସୀ ଶ୍ରମିକ । ସ୍ଥାୟୀ ଠିକଣା ପ୍ରମାଣପତ୍ର ନଥିବାରୁ ଏହି ଶ୍ରମିକମାନେ ୧୪ କେଜିଆ ବଡ଼ ସିଲିଣ୍ଡର ପାଇବାରେ ଅସମର୍ଥ ହୋଇଥାନ୍ତି । ସେମାନଙ୍କ ପାଇଁ ଏକମାତ୍ର ସାହାରା ହେଉଛି ୫ କେଜିଆ ଛୋଟ ସିଲିଣ୍ଡର । କିନ୍ତୁ ଯୋଗାଣ କମ୍ ଥିବାରୁ ଜିଲ୍ଲି ଅଞ୍ଚଳର ବ୍ୟବସାୟୀ ଏହାର କଳାବଜାରୀ କରି ଅଧିକ ଦାମରେ ବିକ୍ରି କରୁଥିଲେ । ଅନେକ ପ୍ରବାସୀ ଶ୍ରମିକ ଅତିଷ୍ଠ ହୋଇ ରୋଷେଇ ପାଇଁ ପୁଣି କାଠ ତୁଳିକୁ ଆପଣେଇଥିଲେ ତ କିଛି ଶ୍ରମିକ ସହର ଛାଡ଼ି ନିଜ ଗାଁକୁ ଫେରିବା ଆରମ୍ଭ କରିଥିଲେ ତେବେ ଏମାନେ ଏଣିକି ଆଧାର କାର୍ଡ ଏବଂ ଶ୍ରମ କାର୍ଡ ଦେଖାଇ ଷ୍ଟେସନରୁ ପାଂଚ କେଜିଆ ଗ୍ୟାସ ନେଇପାରିବେ । ଏଥିପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିଛନ୍ତି ସରକାର ।

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୩/୪ (ଆ.ପ୍ର) : ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ, ଖୋଜାଳୀ ବୁଢ଼ୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାଜାରି ବଟ୍ରେର ବାଙ୍କ ଛକ, ମାରୱାମୀ, ଶିଶୁଭବନ ଛକ, ରାଜମହଲ, ମାଷ୍ଟର କ୍ୟାଂଟିନ ହେଇ ପିଏମଜି ଠାରେ ପହଞ୍ଚିଥିଲା । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଡାକ୍ତରାଣୀ ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀ ଅଧିକାରୀ ଶ୍ରୀ ବୀରଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତୁଲନିହୀନ ପ୍ରଦର୍ଶନୀ ଆସନ୍ତାଳାଲି (ମଙ୍ଗଳବାର) ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ । ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଓ ପରେଡ୍

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁଭମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ଝୁଣ୍ଟାରୁ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କର୍ଣ୍ଣର, ଭୁବନେଶ୍ୱର-କଟକ ପୁଲିସ କମିଶନର ଚନ୍ଦ୍ରର ରାଣା, ଡିଏମ୍‌ସିର ଅତିରିକ୍ତ କମିଶନର ଜୈକାଶ ଦାସ ଓ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡ ମନୋରଞ୍ଜନ ସାହୁ, କର୍ପୋରେଟର ବିଭିନ୍ନ ନାରାୟଣ ମହାପାତ୍ରଆର, ଆସିୟା ବେଗମ, ଅମରେଶ ଜେନା ଓ ରାମଚନ୍ଦ୍ର ରଣସିଂ , ଭୁବନେଶ୍ୱର ସିଆର ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ଦେବେରା, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ବାଣ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରବୋଧ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ପରେଡ୍‌ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ । ଏଥିରେ ମହାବିଦ୍ୟାଳୟସ୍ତରୀୟ ପରେଡ୍ ପ୍ରତିଯୋଗିତାରେ ବିଜେତା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ ଓ ରାଜଧାନୀ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ହାଇସ୍କୁଲ ସ୍ତରୀୟ (ଇଂରାଜୀ ମିଡିୟମ୍) ଡିଏଭି ୟୁନିଟ୍-୮ ପୁରୀ, ଡିଏଭି ପୋଖରୀପୁଟ ଓ ଡିଏଭି ଚନ୍ଦ୍ରଶେଖରପୁର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ଓ ଜେକଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ହାଇସ୍କୁଲସ୍ତରୀୟ (ଓଡ଼ିଆ ମିଡିୟମ୍) ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଲଆରସି ଲିଲେଇ୍ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ଦ୍ୱିତୀୟ ଓ କ୍ୟାପିଟାଲ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଲଆରସି ଲିଲେଇ୍ ତାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି । କ୍ୟାପିଟାଲ ହାଇସ୍କୁଲର ତାଳିକା ବିଭାଗ, ମହର୍ଷି କଲେଜ ଅଫ ନ୍ୟାଚୁରାଲ ଲା' ଡେୟାର ଡେଭିଲ୍ସ୍, ଓଡ଼ିଶା ସ୍ପୋର୍ଟସ ଏକାଡେମୀକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ସିଆରପିଏଫ୍ ବ୍ୟାଣ୍ଡ, ୭ମ ବାଟାଲିୟନ୍ ଓଏସ୍‌ଏଚ୍‌ଜି ଓ ସୈନିକ ସ୍କୁଲ ବ୍ୟାଣ୍ଡକୁ ମଧ୍ୟ ପୁରସ୍କୃତ କରାଯିବ । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରବୋଧ ପ୍ରଟ୍ଟନାୟକ ପ୍ରାରମ୍ଭିକ

ସତ୍ୟମେବ ଜୟତେ

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା
ଓଡ଼ିଆ ନବବର୍ଷ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR - 15001/15001/2/26-27/0016

15001/16/2627

ଓଡ଼ିଆ ନବବର୍ଷ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ

ଶ୍ରମଜୀବୀ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଥମ ଆନ୍ତଃ କ୍ଲବ୍ ଓ ଜିଲ୍ଲା କବାଡି ଚମ୍ପିଅନସିପ ୨୦୨୬ ଉଦ୍ଘାଟିତ

ଖୋର୍ଦ୍ଧା, ୧୩/୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା କ୍ରୀଡା ସଂସଦ ଅଜୁକୁରାରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି, ପ୍ରଥମ ଆନ୍ତଃ କ୍ଲବ୍ ଓ ଜିଲ୍ଲା କବାଡି ଚମ୍ପିଅନସିପ- ୨୦୨୬ ପୂର୍ବାହ୍ନ ୯ଘଣ୍ଟିକା ସମୟରେ ଖୋର୍ଦ୍ଧା ଷ୍ଟାଡିୟମ୍ ପରିସରରେ ଉଦ୍ଘାଟିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ଚମ୍ପିଅନସିପକୁ ଉଦ୍ଘାଟିତ କରି ନିଜ ଉଦବୋଧନରେ କହିଲେ ଯେ କ୍ରୀଡାର ପ୍ରଚାର ପ୍ରସାର କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ଯୋଜନା ଯାହା ଦୃଶ୍ୟ ମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ମାନଙ୍କୁ ସୁଯୋଗ ପ୍ରଦାନ କରିବ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କନକ ଲତ୍ତା ମଜାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗାଡଗଞ୍ଜରି ପଣ୍ଡା ଯୋଗଦେଇ କ୍ରୀଡ଼ା ଶିକ୍ଷାରୁନୁ ପୁଷ୍ପ ଉଦ୍ଧାରା ସହ,କ୍ରୀଡ଼ାରେ ଅଧିବସାୟ ରହିଲେ କ୍ରୀଡ଼ା ବୃତ୍ତିକୁ ଆପଣେଇଲେ, କ୍ରୀଡ଼ାକୁ ଶିକ୍ଷା ଓ ଜୀବନ ସହିତ ଜଡିତ ରଖିଲେ ଏହା ଉତମ ନାଗରିକ ଗଢିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଥାଏ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ସଂପାଦକ, ଲପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମୁଖ୍ୟମନ୍ତ୍ରୀ କବାଡି ଚମ୍ପିଅନସିପ - ୨୦୨୬ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜି ଏବଂ ଆସନ୍ତା କାଲି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଳକ ଓ ବାଳିକା ବିଭାଗରେ ୧୦ ଓ ୬ ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ କାର୍ଯ୍ୟକର୍ତା ଜ୍ୟୋତି ପ୍ରକାଶ ମଜାନ୍ତି, ଅନିଲ କୁମାର ସାହୁ, ଦାନିଏଲ୍ ନାଏକ, ଦୀରକିଶୋର ସିଂହ, କେଦାର କୁମାର ବରାଲ ସମେତ ଶିକ୍ଷକ ଶିକ୍ଷୟତ୍ରୀ, ପ୍ରଶିକ୍ଷକ, ସାମାଜିକ ଏବଂ ପ୍ରତିଯୋଗୀ ମାନେ ଯୋଗଦେଇଥିଲେ । ଶେଷରେ କ୍ରୀଡ଼ା ସଂଘ ସଭାପତି ଅକ୍ଷୟ କୁମାର ମଜାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ନବରଙ୍ଗପୁର ଠାରେ 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ'

ନବରଙ୍ଗପୁର, ୧୩/୪ (ଆ.ପ୍ର) : ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେତା ସମ୍ମିଳନୀ ସଭାଗୃହରେ "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ଅବସରରେ ବିଜୁଳ ଭବନ ଜିଲ୍ଲା ରୁ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଷ୍ଟ୍ରିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଜନ୍ମୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଉତରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଝୁଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମାନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ଶମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଏଡିପିଏସଓଡ ମଳୟ ତ୍ରିପାଠୀ, ଡି ଆର ପି ଆର୍ ଓ ମନୋଜ ବେହେରା, ଏଡିଇଓ ସୁପ୍ରିୟା ନାୟକ, ସମ୍ମାଳ କଲାଖର ବିଭାଗର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ । ଲାଭତ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ନୂଆଦିଲ୍ଲୀର ବିଜୁଳ ଭବନରୁ ସକାଳ ୧୧ଟାରୁ ଲାଇଭ୍ ପ୍ରସାରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ କରି ନାରୀ ସଶକ୍ତିକରଣ ଓ ଦେଶ ଗଠନରେ ମହିଳାଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ ।

ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପୋଲିସ ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ପାପଡାହାଣ୍ଡି, ୧୩/୪ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ବିଭାଗ ଓ ସାୟାଚ, ଆମ ଓଡ଼ିଶା ପକ୍ଷରୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଏଥିରେ ୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଓଡ଼ିଶାପକ୍ଷ ଅବସରରେ ଏହିଭଳି ରକ୍ତଦାନ ଶିବିର ଆୟୋଜନ କରି ସଚେତନତା ସୃଷ୍ଟି କରିଥିଲା ଶିବିରରେ ଅତିଥି ଭାବେ ଜାଦୁଗୁଁ ବିଧାୟକ ମନୋହର ଗନ୍ଧାରୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ପୂର୍ବତନ ସରପଂଚ ବି. ଭଗନ ମୋହନ ଗାଡ଼, ବିଡ଼ିଓ ଜସିନଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଆଲାଆକସି ଉମେଶ ଚନ୍ଦ୍ର ନାୟକ, ଅଗ୍ନିଶମ ଅଫିସର ଦୂରବଦ୍ଧ ବାଣ୍ଡ,ବିଜୟ ବିଷୋୟୀ, ଗାନେଶ ଅଗ୍ରୱାଲ, ଶିବ ପ୍ରସାଦ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ହରି ପାଣ୍ଡିଗ୍ରାହୀ, ତ୍ରିନାଥ ଅମନାତ୍ୟ, ଟୁଟୁ ବିଷୋୟୀ,ପ୍ରୁଥ୍ୟ ଯୋଗ ଦେଇ ଶିବିର ଉଦଘାଟନ କରି କାର୍ଯ୍ୟକ୍ରମ ଆରମ୍ଭ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ଭଣ୍ଡାରର ଡା. ସୁମନ୍ତ ବଳ, ଡେଙ୍ଗୁ ସ୍ପିଆଳ ହେମନ୍ତ ରାଉତ, ଲବ କୁମାର ରାଉତ, ମନୋଜ ପଟ୍ଟନାୟକ ରକ୍ତ ସଂଗ୍ରହ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ମନସ୍ମିତା ମହାନ୍ତି, ସମ୍ବାଦର ବ୍ଲକ ପ୍ରତିନିଧି ଏନ.ଜନାର୍ଦ୍ଦନ ରାଓ ପରିଚାଳନା କରିଥିଲେ । କର୍ଣ୍ଣ ନାୟକ, ପ୍ରତାପ କିଶୋର ନାୟକ, ଶିବାନନ୍ଦ ବେହେରା, ଅଜିତ କୁମାର ପାତ୍ରୀ, ସୁରେଶ କୁମାର ବାଗ, ମହେନ୍ଦ୍ର ମୋହନ ମାଝୀ ସହଯୋଗ କରିଥିଲେ । 'ରକ୍ତଦାତା ଜୀବନଦାତା' ଡିସେମ୍ବର ବିଷୋୟୀ, ଅର୍ଜୁନ ହରିଜନ, ନିଗମାନନ୍ଦ ଲଣ୍ଡଶ ମାଝୀ,ଟି. ସୁଜାତା, ଦେବିଶ୍ରୀ ମହାନ୍ତି, ମଦନ ନାୟକ, ସଂଜୀର ମୋହନ ନେତା, ଦେବାଶିଷ ନାୟକ, ସନ୍ଧ୍ୟାରାଣୀ ହେହେରା, ସତ୍ୟଭାମା ସିଂହ, ଗଜେନ୍ଦ୍ର କୁମାର ସାହୁ, ଦିବସିକେଶନ ମାଝୀ, ମହେନ୍ଦ୍ର ବିଷୋୟୀ, ପ୍ରମୋଦ ନାୟକ, ଦିଗମ୍ବର ମେହେର, ନିତ୍ୟାନନ୍ଦ ଖଣ୍ଡଗିରି, ମକରଦ୍ୱିଶୋୟୀ, ଗି.ଭାରତଦ୍ୱାଜ, ରମାକାନ୍ତ ଶବର, ଶରତ ଚନ୍ଦ୍ର କୁଜୁରିକା, ଲବ ସୋରା, ତପନ କୁମାର ନାୟକ, ଅଭିନାଶ ପାତ୍ର, ଚନ୍ଦନ ପାତ୍ର, ପ୍ରଭାତ କୁମାର ସୁବୁଦ୍ଧି, ଜିତେଶ କୁମାର ସୁବୁଦ୍ଧି, ସୁରେନ୍ଦ୍ର କୁମାର ଦାସ, ଅଶ୍ମନା କୁମାର ଭୂଷଣ, ଭକ୍ତି ପ୍ରଭାତ ଶତପଥୀ, ଉଷାକରୀ ଲୋଚରା, ନିଖିଳ ଅଗ୍ରୱାଲ, ଗାଗନ ହିଆଳ, ବିଶ୍ୱାସ ବିରାଜ ବେହେରା ।

ବ୍ଲକସ୍ତରୀୟ ଓଡିଆ ପକ୍ଷ ୨୦୨୬ ଓ ଖାଦ୍ୟ ମେଳା ଅନୁଷ୍ଠିତ

ଖଣ୍ଡପଡା, ୧୩/୪ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ସଂଗାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓ ବ୍ଲକ ପ୍ରଶାସନର ସହଯୋଗରେ ବ୍ଲକସ୍ତରୀୟ ପରମ୍ପରିକ ଖାଦ୍ୟ ମେଳା ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଜୁନ ଅଲିକାଷ, ଏସଡିପିଓ ମଦନ ମୋହନ ପ୍ରଧାନ, ସାଂସଦଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ରଜିଆର ଙ୍କି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶିଖରପୁର ସଂଗାୟତର ସରପଂଚ କିଶୋରାନାଗ ସାହୁ ଓ ପୂର୍ବତନ ସରପଂଚ ନବ କିଶୋର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶିଖରପୁର ସମିତି ସଭ୍ୟ ଓ ସଂଗାୟତର ସମସ୍ତ କର୍ମଚାରୀ ଏବଂ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ବିଜିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ରୁଚି ସମ୍ପନ୍ନ ବିଭିନ୍ନ ଓଡିଆ ଖାଦ୍ୟ ସାମଗ୍ରୀ ଗୁଡ଼ିକ ଏକାଧିକ ଷ୍ଟଲ ଜଳିଆରେ ପ୍ରଦର୍ଶିତ ହୋଇଥିଲା । ବିଦେଶୀ ଖାଦ୍ୟ ସାମଗ୍ରୀକୁ ବର୍ଜନ କରି ସ୍ୱଦେଶୀ ଖାଦ୍ୟ ସାମଗ୍ରୀ ଉପରେ ସଂପୂର୍ଣ୍ଣ ନିର୍ଭର କରି ନିରୋଗ ରହିବା ସମ୍ପର୍କରେ ସମ୍ପନ୍ନ ସଚେତନ କରାଯାଇଥିଲା । ସେହିପରି ଅତିଥିମାନେ ବିଭିନ୍ନ ଷ୍ଟଲ ପରିଦର୍ଶନ କରି ଓଡ଼ିଆ ଖାଦ୍ୟର ରୁଚି ପରଖିବା ସହ ଖାଦ୍ୟ ପ୍ରସ୍ତୁତ କରି ଶ୍ରେଷ୍ଠ ଦିବେଦିତ ହୋଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା ମାନଙ୍କୁ ଏ ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ



ପୁରୀ, ୧୩/୪ (ଆ.ପ୍ର) : ଓଡ଼ିଆ ପକ୍ଷ ପାଳନର ତୃତୀୟଦିନ ଦିବସରେ ସୋମବାର ଅପରାହ୍ନ ରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆମ ରୁଚି ଆମ ଖାଦ୍ୟ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ଆଜୁକୁଲ୍ୟରେ ଓ ଓରମାସ, ପୁରୀ ସହଯୋଗରେ ଏହି ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ ରେ ଅତିରିକ୍ତ ଜନ୍ମୟନ ଅଧିକାରୀ ରାଜୀବ କୁମାର ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଯୋଗ ଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ । ଏହି ଖାଦ୍ୟ ସ୍ତରରେ ଓଡ଼ିଶା ଘରର ଚତୁରାକ୍ତି ପିଠା, ମାଲପୁଆ, ତୁଡ଼ା କଦମ୍ବ, ଡାଲମା, ଜାଲେରୋ ପିଠା, ଅତିଶପିଠା, ଖାର ପୋଡ ପିଠା, ସିଝା ମଣ୍ଡା ପିଠା, ତାଳିଆ ପିଠା, ମାଣ୍ଡିଆ ସର୍ବତ, ଝୁଆଁ ଖିରା,କଳା ଚାଉଳ ଖିରୀ, ପୋଦିନା ସର୍ବତ, ମାଣ୍ଡିଆ କାଞ୍ଜି,ଚାଉଳ ବରା,ଲାଉ ଚିଡଲ ପିଠା, ଅପୋଳାଡିଆ ପୁଲ ମଣ୍ଡା ପିଠା, ମାଣ୍ଡିଆ ଓ ଗୁଡ ପିଠା ଇତ୍ୟାଦି ଏହି ଖାଦ୍ୟ ମେଳା ରେ ପ୍ରଦର୍ଶିତ ହୋଇଥିଲା ।ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା ସରେଷ୍ଠି ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ହୋଇଥିବା ଶ୍ରୀକ୍ଷେତ୍ର ମଣ୍ଡି ଆଗ୍ରିଜିଟି ଉତ୍ପାଦକ ଗୋଷ୍ଠୀ, ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ, ପୁରୀ ସଦର ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀ ସଦରଙ୍କୁ ଅଧିକ୍ଷ ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ପେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜନୁପ୍ରିୟା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଏପିଡି ବାଣୀ ଭୂଷଣ ଦାଶ, ତୃପ୍ତି ବଡଜେନା, ଓରମାସର ଡେପୁଟି ସିଇଓ ନିଗମ ଚରଣ ଦାଶ,ପ୍ରୋଗ୍ରାମ ଅଫିସର ସୁଜାତା ହେମ୍ରମ, ଚନ୍ଦ୍ରପ୍ରଭା ଦେବ, ବାଲୁବଡା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଯାଜପୁର ଗୁଳି କାଣ୍ଡ ର ପର୍ଦ୍ଦାଫାଶ, ୫ ଅଭିଯୁକ୍ତ ଗିରଫ



ଯାଜପୁର, ୧୩/୪ (ଆ.ପ୍ର) : ଯାଜପୁର ସହର ଜାଳିମେଗା ଠାରେ ଗୁଳି ମାଡ଼ ଘଟଣାରେ ସୌମ୍ୟ ଙ୍କ ମୃତ୍ୟୁ,ଘଟଣା ପରେ, ଯାଜପୁର ଅଂଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିଲା ।୬ ତାରିଖ ଦିନ ଗୁଳି କାଣ୍ଡ ଘଟିଥିବା ବେଳେ ୧୨ ତାରିଖ ଦିନ ଯାଜପୁର ପୋଲିସ କୁ ଏକ ବଡ଼ ସଫଳତା ମିଳିଛି । ଯାଜପୁର ପୋଲିସ ଆଜି ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ (୫ ଜଣଙ୍କୁ) ଗିରଫ କରିବା ସହିତ, ଗୁଳି କାଣ୍ଡ ରେ ବ୍ୟବହୃତ ହୋଇଥିବା ବନ୍ଧୁକ ଏବଂ ମଟରସାଇକେଲ କୁ ଜବତ କରିଛି । ଗୁଳିକାଣ୍ଡ ରେ ବ୍ୟବହୃତ ହୋଇଥିବା ବନ୍ଧୁକ ଯଯାତି କେଶରୀ ଟେକନିକାଲ କଲେଜ ପଛପଟେ ଥିବା ଦେବଗଣୀ ନଦୀ ପଠା ରୁ ଜବତ୍ କରିଛି ଯାଜପୁର ପୋଲିସ । ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ରାପସ୍ କୁମାର ଖୁଣାର ଙ୍କ ସମେତ ଆଉ ୪ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି । ପରକୀୟା ପ୍ରୀତି ଏବଂ ସାମ୍ପତ୍ତିକୀ ସମ୍ପର୍କ ହତ୍ୟା କାଣ୍ଡ ର ମୁଖ୍ୟ ବୋଲି ଯାଜପୁର ଏସପି କହିଛନ୍ତି ।

ଚୌଦ୍ୱାର ରେ ୧୫ତମ ଚୈତ୍ର ମହୋତ୍ସବ ଅନୁଷ୍ଠିତ

ଟାଙ୍ଗୀ -ଚୌଦ୍ୱାର, ୧୩/୪ (ନ୍ୟୁ.ଏ): କଟକ ଜିଲ୍ଲା ଚୌଦ୍ୱାର ଜଳପ୍ରକାଶିନୀ ଲୁଚ ଠାରେ ବାଜି ରାଉତ କୌଦର୍ଡ ସଙ୍ଘ ତରଫରୁ ୧୫ ତମ ଚୈତ୍ର ମହୋତ୍ସବ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଶ୍ରୀ କ୍ଷୀରୋଦ ସାହୁ ଯୋଗ ଦେବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିସହିତ ବିଶିଷ୍ଟ ଘୋଡାନାଚ ବିଶାରଦ ପଦ୍ମଶ୍ରୀ ଡ଼ ଉତ୍ତର ଚରଣ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିତିହ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ମହୋତ୍ସବରେ ଘୋଡାନାଚ, ଅହଲ୍ୟା ଉଦ୍ଧାର, ଗୋଟିପୁଆ ନୃତ୍ୟ ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱୁ ଚରଣ ବେହେରା ମଧ୍ୟମାଳିକ ସୋସାଇଟି ସଭାପତି ଡ଼ ପରାଶ୍ରିତ ବଳାଲ, କଟକ ମହାନଗର ନିଗମର ପୂର୍ବତନ କରପୋରେଟର ନମିତା ମଜୁରୀ ସାହୁ, ବାଜିରାଉତ କୌଦର୍ଡ ସଙ୍ଘର ସେକ୍ରେଟେରୀ ଅଜୟ ବେହେରା, ମୋହାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପ୍ରତିଷ୍ଠା ଦିବସ ପାଳନ

ଉଦାନୀପାଟଣା, ୧୩/୪ (ଆ.ପ୍ର) : ଆଜିର ଦିନ ୧୩ ତାରିଖ ଏପ୍ରିଲ ମାସ ୧୯୮୬ ମସିହାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସରକାର ସମୟରେ ଦେଶର ଗ୍ରାମାଂଚଳରେ ରହୁଥିବା ଗରିବ ଛାତ୍ରଛାତ୍ରୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଜବାହାର ନବୋଦୟ ବିଦ୍ୟାଳୟ ସ୍ଥାପନ କରିଥିଲେ । ତେଣୁ ଏପ୍ରିଲ ୧୩ ତାରିଖକୁ 'ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ' ଭାବରେ ପାଳନ କରାଯାଏ । ସମସ୍ତ ଭାରତର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନେ ପାପଡହି ଦେଶ ବିଦେଶରେ ବଡ ବଡ ସରକାରୀ ଓ ବେସରକାରୀ ଚାକିରୀ କରିବା ସହିତ ବିଜନେସ୍, ସାମାଜିକ, ରାଜନୈତିକ, କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ ନିଜର ନାମ ଅର୍ଜନ କରିପାରିଛନ୍ତି । ଏହି ଅବସରରେ କଳାହାଣ୍ଡି ଜିଲ୍ଲାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପୁରାତନ ଛାତ୍ରଛାତ୍ରୀମାନଙ୍କ ସଭାପତି ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଉଦାନୀପାଟଣା ସହର ସ୍ଥିତ ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ବହି ପଣା ବଂଟନ କରି ପ୍ରତିଷ୍ଠା ଦିବସ ପାଳନ କରିଥିଲ

ଈଶାଣୀ ବୈଶାଖୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ବିରଳ ସନ୍ଧ୍ୟା

ବାଲେଶ୍ୱର, ୧୩/୦୪(ଆ.ପ୍ର) : ମଝିକାମାନଙ୍କର ବିକାଶ ଗାଁ, ଉଣା, ଜିଲ୍ଲା, ରାଜ୍ୟ ସର୍ବୋପରି ପବିତ୍ର ଆମ ଦେଶ ଭାରତ ପାଇଁ ଦୃଷ୍ଟାନ୍ତ ସୃଷ୍ଟିକାରୀ ହେବ ଏବଂ ପରିଶେଷରେ ଭାରତୀୟ ନାରୀ ବିଶ୍ୱ ମାନଚିତ୍ରରେ ଇତିହାସ ହିଁ ସୃଷ୍ଟି କରିବ । ବାଲେଶ୍ୱରର ଈଶାଣୀ, ଗୋଜନିଆଡର ଏକ ଐତିହାସିକ ପବିତ୍ର ମାଟି । ମହାତ୍ମାଙ୍କ ମାଟି । ଲୁଣମରା ଆନ୍ଦୋଳନର ସଂଗ୍ରାମୀ ମାଟି । ଏଇଠି ସାର୍ଥାର ଗୁରୋଡ଼ ଗୋପାଳ, ରବୀନ୍ଦ୍ର ମୋହନ ଦାସ ଓ ପୂର୍ଣ୍ଣଚନ୍ଦ୍ର ଜାଙ୍କ ଭଳି ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଭାବରେ ସ୍ମୃତି ପାଳନ ଯାଉଥିବାବେଳେ ଏ ଅଂଚଳର ଉତ୍ତରାଧିକାରୀମାନେ ଈଶାଣୀର ଏହି ବିଶାଳ ବୈଶାଖୀ ମହୋତ୍ସବ ପାଳନ କରିଆସୁଥିବା ଯୁବକ ଯୁବତୀମାନେ ଏପରି ସତ୍‌କର୍ମରେ ନିଜକୁ ନିୟୋଜିତ କରି ସାଂପ୍ରତିକ ସମୟର ଆଦର୍ଶ ପାଲଟିଛନ୍ତି । ଏ ମାଟି ୧୧ ବର୍ଷର ବାଘାଯତୀନ୍‌ର ଜାସବ । ଏ ମାଟି ଲକ୍ଷ୍ମୀ ଲବଣ ସତ୍ୟାଗ୍ରହର ଇତିହାସ ବୋଲି ଉପସ୍ଥିତ ସଜ୍ଜସ୍ତ୍ରାଧିକ ମଝିକା ମା' ଉତ୍ତରଣୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ତୃତୀୟ ସନ୍ଧ୍ୟାର ଉଦ୍‌ଘାଟିକା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ବୈଶାଖୀ ମାସର ଜର୍ମ ପୁଣ୍ୟ, ବିଧିବିଧାନ ପୁଣ୍ୟ ଏବଂ ୫ ଦିନିଆ ସାର୍ବଜନୀନ ବୈଶାଖୀ ମହୋତ୍ସବରେ ଦୀର୍ଘ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ନାରୀମାନଙ୍କ ପାଇଁ ଏକ ସ୍ମରଣୀୟ ସନ୍ଧ୍ୟା ପାଳନ କରିଆସୁଥିବା ଜର୍ମଜର୍ଜାମାନଙ୍କର ଏକ ପୁଣ୍ୟ କର୍ମ ବୋଲି କହିଥିଲେ । ମୁଖ୍ୟବକ୍ତା ଜଡି-ଜଥାଜାର-ସଂପାଦିକା ସୌଦିଶ୍ରୀ ସାହୁ ନିଜର ଉଦ୍ଭାଷଣ ପରିପ୍ରକାଶ କରିଥିଲାବେଳେ ଆମେ ଶାସ୍ତ୍ରୀୟ ମାନ୍ୟତାର ଅଧିକାରୀ ସାଲ୍ଲେ ବି କିଛିବି ଅବ୍ୟାବଧ ନିର୍ଯ୍ୟାତିତ ହେଉଅଛିନ୍ତି, ସେଥିପାଇଁ ଆମ ସମାଜ ଜିଭନି ସଂଚରରେ ଅଛି ବେଦାବନୀ ବେଳେ ଏହି ଚଳନ୍ତି ସମାଜକୁ ସମ୍ମାନ ଦେବାପାଇଁ 'ଯୁଗଣ୍ଡା ଯୁଗନାରୀ'ର ସଂପାଦିକା ମମତା ମହାପାତ୍ର ପ୍ରତି ନାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏଇରେ ଏକ ମିଶିଲେ ଏଗାର ଏବଂ ଏଗାରରେ ଏକ ମିଶିଲେ ଶହେ ଏଗାର ହେବାର ରାସ୍ତା ଫିଟୁଥିବାବେଳେ ଆସନ୍ତୁ ଆଖିକୁ କ୍ୟାମେରା କରି ସମସ୍ତେ ଭଲ ଶିକ୍ଷାର ସଂବାଦ ରୁଣ୍ଡାଇ ସମାଜ ବଦଳାଇବା ପାଇଁ ଜନକ ଚିତ୍ରିର ବାଲେଶ୍ୱର ପ୍ରତିନିଧି ଅତିଥିବର୍ଗ ଝୁମନା ପରିଡ଼ା, ଗୀତାଞ୍ଜଳି ସିଂହ ପ୍ରମୁଖ ଆହ୍ୱାନ ଦେଇଥିଲେ । 'ବୈଶାଖୀ' ମୁଖପତ୍ରର ପ୍ରକାଶିକା ବାସନ୍ତୀ ପାତ୍ର ଏପରି ବିରଳ ସନ୍ଧ୍ୟାରେ ସ୍ୱାଗତ ସମ୍ଭାଷଣ ରଖିଥିଲା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାନେତ୍ରୀ ସାଜିକା ଜର ପୌରୋହିତ୍ୟ କରିଥିଲେ । ଆମ୍ରପଲ୍ଲୀ ପ୍ରଧାନ ପରିଶେଷରେ ଶେଷକଥା ଦ୍ୱାରା ସଭାସାଂଗ କରିଥିଲେ । ଏହି ମହିନା ସନ୍ଧ୍ୟାରେ ନିଜିସ୍ତ୍ର । ଜର ଓ ସାଥୀମାନେ ମଂଚପରିଚାଳନା ଓ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ଶେଷରେ ବିଜିନ୍ନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଅନୁସାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

ବ୍ଲକ ପକ୍ଷରୁ ଖାଦ୍ୟ ଦିବସ ପାଳନ

ସିମୁଳିଆ, ୧୩/୦୪(ଆ.ପ୍ର) : ସିମୁଳିଆ ବ୍ଲକ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବ୍ଲକ ସଜ୍ଜିକରା କକ୍ଷରେ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ବିଡ଼ିଓ ସୁନିଲ କୁମାର ଦୁଦୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ,ବ୍ଲକ ଅଧକ୍ଷ ବାଦଲୀ ଚରଣ ମଲ୍ଲିକ, ଉପାଧ୍ୟକ୍ଷ ଜିମୀନ୍ଦ୍ର ନନ୍ଦିନୀ ମହାପାତ୍ର ଓଡ଼ିଆ ସମିତି ସଭ୍ୟ ଉଦମ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଏଏଏସଓ ପ୍ରକାନ୍ତ କୁମାର ବାଗିଲ ମଂଚ ପରିଚାଳନା କରିବା ସହ ପଢ଼ିନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୨ଗୋଟି ପଂଚାୟତର ନିର୍ବାଚିତ ପ୍ରତିନିଧି ଓ ବ୍ଲକ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

ବିଦ୍ୟାଳୟରୁ ଏଲସିଡି ଚୋରୀ

ସିମୁଳିଆ, ୧୩/୦୪(ଆ.ପ୍ର) : ବିଦ୍ୟାଳୟ ଶ୍ରେଣୀ ଗୃହର ତାଲା ଭାଙ୍ଗି କେହି ଦୁର୍ଦ୍ଦୁର୍ଦ୍ଦ ଏଲସିଡ଼ି ଚୋରୀ କରି ନେଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗଡ଼ିଗଡିଆ ପଂଚାୟତ ଖଡ଼ିଗଡିଆ ଗ୍ରାମରେ ଥିବା ମଧ୍ୟ ମଲ୍ଲାଳା କୋଚାଲ ଉପ୍ରା ବିଦ୍ୟାଳୟରେ କେହି ଦୁର୍ଦ୍ଦୁର୍ଦ୍ଦ ପଂଚମ ଶ୍ରେଣୀ ଗୃହର ତାଲା ଭାଙ୍ଗି ସେଥିରେ ଥିବା ଏକ ୨୪ଇଂଚ ଏଲସିଡ଼ିଟିକୁ ନେଇ ଯାଇଛି । ବିଦ୍ୟାଳୟ ଶିକ୍ଷୟିତ୍ରୀ ଆଜି ବିଦ୍ୟାଳୟକୁ ଆସି ଦେଖିବାରେ ବିଦ୍ୟାଳୟ ଶ୍ରେଣୀଗୃହ ତାଲା ଭାଙ୍ଗି ଏଲସିଡ଼ି ଚୋରୀ ହୋଇଥିବା ଦେଖି ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାସରଥୀ ଦୁଦୁଙ୍କୁ ଜଣାଇଥିଲେ । ପ୍ରଧାନଶିକ୍ଷକ ଦୁଦୁ ଏ ସଂକ୍ରାନ୍ତରେ ସିମୁଳିଆ ବ୍ଲକ ଶିକ୍ଷାଧିକାରୀ ଓ ସିମୁଳିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରି ଫେରିଥିବା ଜଣାଯାଇଛି ।

ପିକଅପ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଜଳେଶ୍ୱର, ୧୩/୦୪(ଆ.ପ୍ର) : ଡେଆଇନ ଭାବରେ ରାସ୍ତା କଡରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛ ପଟୁ ଧକ୍କା ଦେଇ ଏକ କୁକୁଡ଼ା ବୋଝେଇ ପିକଅପ ଭେନ ଘଟଣା ସ୍ଥଳରେ କେଳିନରେ ଚାପି ହୋଇ ହେଲୁର ମୃତ୍ୟୁ ଘଟିଥିବା ଦେଖେ ଡ୍ରାଇଭର ଗୁରୁତ୍ୱର, ଜଳେଶ୍ୱର ଜିଜେ ଜଙ୍କର ଚିକିତ୍ସାଳୟରେ ଭର୍ତ୍ତି ପୋଲିସର ତଦନ୍ତ ଜାରି । ଏଇଟି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ପୂର୍ବରୁ, ସୂଚନା ଅନୁଯାୟୀ ବଲ ୨୯ଇ୧୬୫୫ ନଂ ବିଶିଷ୍ଟ ଏକ ପିକଅପ ଭେନ କେନ୍ଦ୍ରାପଡ଼ା ଅଂଚଳରୁ କୁକୁଡ଼ା ନେଇ ପଶ୍ଚିମବଙ୍ଗ ପାଖିଶକୁଳା ଅଂଚରରେ ଖାଲି କରି ବାଲେଶ୍ୱର ଅଭିମୁଖେ ଦ୍ରୁତ ଉଡ଼ିରେ ଯାଉଥିଲା ବେଳେ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ଅନତି ଦୂରରେ ବେଆଇନ ଭାବରେ ଛିଡ଼ା ହୋଇଥିବା ବଲ୍ଲ ୨୬ଇ୯୬୫୫ ନଂ ବିଶିଷ୍ଟ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା, ଦୃଢ଼ତଣାଟି ଏତେ ଭୟଙ୍କର ଥିଲା ଯେ ପିକ ଅପ ଭେନଟିର ସମ୍ମୁଖ ଭାଗ ଚାପି ହୋଇ ଯାଇଥିଲା, ସେଥିରେ ଡ୍ରାଇଭର ଏବଂ ହେଲପର ଚାପି ହୋଇ ରହିଥିଲା ବେଳେ ଖବର ପାଇ ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ, ଅଗ୍ନିଶମ ବାହିନୀ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପହଂଚି ଉଭୟଙ୍କୁ ଉଦ୍ଧାର କରିଥିଲେ ତେବେ ଡ୍ରାଇଭର ଗୁରୁତ୍ୱ ଅବସ୍ଥାରେ ଉଦ୍ଧାର ହୋଇଥିଲା ବେଳେ ହେଲ୍ପର ଟିର ମୃତ୍ୟୁ ଘଟିଛି । ଗୁରୁତ୍ୱ ଡ୍ରାଇଭର ଜଳେଶ୍ୱର ଜିଜେ ଜଙ୍କର ଚିକିତ୍ସାଳୟରେ ଚିକିତ୍ସିତ ହେଉଛି । ପୋଲିସ ଭଲ୍ଲଭ ଟ୍ରକ ଓ ପିକଅପ ଭେନକୁ ଯବତ କରି ଅଧିକ ତଦନ୍ତ ଜାରି ରଖିଛି ।

ଡକ୍ଟର ଚନ୍ଦ୍ରଶେଖର ମଣ୍ଡାଳଙ୍କ ପାଇଁ ଭୋଟ୍ ପ୍ରଚାର କଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର, ୧୩/୦୪(ଆ.ପ୍ର) : ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ରାମ୍ନ ନଗର ନ୍ନିଚନ ମଣ୍ଡଳୀ ର ପ୍ରାର୍ଥୀ ବାଲ୍ଲର ଚନ୍ଦ୍ର ଶେଖର ମଣ୍ଡଳଙ୍କ ପାଇଁ ଆଜି ଭୋଟ ମାଗିଥିଲେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ତତ୍ର ସହ ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ଦ୍ୱାରା ଅନୁଷ୍ଠିତ ମଶାଲ ଯାତ୍ରାରେ ଯୋଗ ଦେବା ସହ ପଥ ପ୍ରାନ୍ତ ସଭାରେ ଯୋଗ ଦାନ କରି ବୃଣ ମୂଳ ଜଂଗ୍ରେସ ବିରୋଧରେ ବର୍ଣ୍ଣି ଥିଲେ ଶ୍ରୀ ଷଡ଼ଙ୍ଗୀ, ସରକାରର ସମସ୍ତ ପାପ ଧୋଇବା ପାଇଁ ଭାରତୀୟ ଜନତା ପାର୍ଟିର ସରକାରକୁ ପଶ୍ଚିମ ବଙ୍ଗରେ ଆଣି ବାଲୁ ସେ ଜନତା ମାନଙ୍କୁ ନିବେଦନ କରିଥିଲେ, ଏହି ପଥ ପ୍ରାନ୍ତ ସଭା, ମଶାଲ ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

ସଂଘ ବିରୋଧୀ କାର୍ଯ୍ୟ ପାଇଁ ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିୟନରୁ ଜ୍ୟୋତିକୃଷ୍ଣ ବେହେରା ବହିଷ୍କୃତ

ବାଲେଶ୍ୱର, ୧୩/୦୪(ଆ.ପ୍ର) : ଗତ ୧୦ ତାରିଖ ଦିନ ସଂଘର କାର୍ଯ୍ୟକାରିଣୀ ବୈଠକରେ ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନ, ବାଲେଶ୍ୱର ପଷ୍ଟରୁ ସଂଘର ଶୃଙ୍ଖଳା, ଏକତା ଓ ସମ୍ବିଧାନକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଏକ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ସଂଘ ବିରୋଧୀ କାର୍ଯ୍ୟ ଏବଂ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତିକୁ ଅବମାନନା କରିଥିବା ଅଭିଯୋଗରେ ଜ୍ୟୋତିକୃଷ୍ଣ ବେହେରାଙ୍କୁ ସଂଘର ପ୍ରାଥମିକ ସଭ୍ୟପଦରୁ ବହିଷ୍କୃତ କରାଯାଇଛି । ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶ୍ରୀ ବେହେରାଙ୍କ ବିରୁଦ୍ଧରେ କିଛି ଗୁରୁତର ଅଭିଯୋଗ ଉଠିଥିଲା । ଜ୍ୟୋତିକୃଷ୍ଣ ବେହେରାଙ୍କ ଉପସ୍ଥିତିରେ ତାଙ୍କ ବିରୁଦ୍ଧରେ ସଂଘର କାର୍ଯ୍ୟକାରିଣୀ ବୈଠକରେ ଶୃଙ୍ଖଳା ନିଷ୍ପତ୍ତିକୁ ନିଜେ ଉଲ୍ଲଂଘନ କରିବା, ନେସ୍କୋ/ ଟିଏଏନ୍‌ଡିଏସ୍ ଦୃଷ୍ଟ ଦୋହ୍ନ ନିର୍ବାଚନରେ ସଂଘର ମନୋନୀତ ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନରେ ଯୋଗଦେବା ଏବଂ ସଂଘର ନାମ ଓ ବେନରର ଅନୁଚିତ ବ୍ୟବହାର ଭଳି ଅଭିଯୋଗ ଅନ୍ତର୍ଭୁକ୍ତ । ଏହି ପ୍ରସଙ୍ଗରେ ସଂଘ ପକ୍ଷରୁ ପୂର୍ବରୁ ଏକ Show Cause Notice ଜାରି କରାଯାଇ ତାଙ୍କୁ ନିଜ ପକ୍ଷରୁ ସ୍ପଷ୍ଟୀକରଣ ଦେବା ପାଇଁ ସୁଯୋଗ ଦିଆଯାଇଥିଲା । ତଥାପି, ସେ ଏହି Show Cause Noticeକୁ ଖାତିର ନକରି କୌଣସି ଉତ୍ତର ନ ଦେବା ବିଷୟଟିକୁ ସଂଘର କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପରବର୍ତ୍ତୀକାଳରେ, ସମସ୍ତ ପରିସ୍ଥିତି ଓ ତଥ୍ୟକୁ ବିଚାର କରି ସଂଘର କାର୍ଯ୍ୟକାରିଣୀ ସଭ୍ୟମାନେ ଏହାକୁ ଗମ୍ଭୀର ଶୃଙ୍ଖଳାଭଙ୍ଗ ଏବଂ ସଂଘର ସ୍ୱାର୍ଥ ବିରୋଧୀ କାର୍ଯ୍ୟ ବୋଲି ମନେ କରିଥିଲେ । ଏହାପରେ ସମସ୍ତଙ୍କ ସମ୍ମତି ସହ ତାଙ୍କୁ ସଂଘରୁ ବହିଷ୍କୃତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଂଘର ଷ୍ଟେୟାରିଙ୍ଗ କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ପଦକ୍ଷେପ ସଂଘର ନୀତି, ଶୃଙ୍ଖଳା ଓ ସଂଗଠିତ ଶକ୍ତିକୁ କ୍ଷୟିଷ୍ଣୁ ରଖିବା ପାଇଁ ନିଆଯାଇଛି ଏବଂ ଆଗାମୀଦିନରେ ଏପରି କୌଣସି ଅନୁଶାସନହୀନ କାର୍ଯ୍ୟ ପ୍ରତି ସଂଘ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରିବ ଏବଂ ସଂଘର ସମସ୍ତ ସଭ୍ୟମାନଙ୍କୁ ନିବେଦନ କରାଯାଇଛି ସେମାନେ ଆଗାମୀ ଦିନରେ ସଂଗଠନ କାର୍ଯ୍ୟରେ ଶ୍ରୀ ବେହେରାଙ୍କ ସହ ଯୋଗାଯୋଗ ରଖିବେ ନାହିଁ ।

କମ୍ୟୁନିଷ୍ଟ ନେତା ଭାଗବତ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୧୩/୦୪(ଆ.ପ୍ର) : ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଂଚଳିକ କମିଟି ତରଫରୁ ଜୀବନ ବ୍ୟାପି କମ୍ୟୁନିଷ୍ଟ ଆଦର୍ଶରେ ବିଶ୍ୱାସ ରଖିଥିବା ଏବଂ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ନିଷ୍ଠାପର ଭାବେ ସିପିଏମ ପାଇଁ କାର୍ଯ୍ୟ କରୁଥିବା ଡେମୁଲିଆ ଗ୍ରାମର ଭାଗବତ ଚରଣ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ବିଶ୍ୱନାଥ ବଡଜେନାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଥିଲା । ଭାଗବତ ପ୍ରଧାନ ଯେ ଜଣେ ସରଳ, ସଜ୍ଜୋତ, ପରୋପକାରୀ ବ୍ୟକ୍ତି ଥିଲେ ତାହା ଏହି ସଭାରେ ପ୍ରତିଫଳିତ ହୋଇଥିଲା । ଏହି ସଭାରେ ବକ୍ତାମାନେ ନିର୍ବିଶେଷରେ ଶତାଧିକ ଲୋକ ଉପସ୍ଥିତ ହୋଇ ଭାଗବତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ । ସଭା ଆରମ୍ଭ ହେବା ପୂର୍ବରୁ ତାଙ୍କ ଫଟୋ ଚିତ୍ରରେ ପୁଷ୍ପସ୍ତବକ ଦେଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ଆଂଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସିପିଏମର ଜିଲ୍ଲା ସମ୍ପାଦକ ଶିଶିର ହୁଜ, କାମପଡ଼ା ନେତା ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ବିଷ୍ଣୁମାନ ଆଚାର୍ଯ୍ୟ, ମମି ପଣ୍ଡା, ଦିଲ୍ଲୀପ ପରିଡ଼ା, ଉମେଶ ପାତ୍ର, ପଲୁ ଦାସ, ଜୀବନ ପରିଡ଼ା, ରବିନ୍ଦ୍ର ବାରିକ,ଜଂଗ୍ରେସ ନେତା ରାଜକିଶୋର ଘୋଷ, ବିଜେଡି ନେତା ଦିଲ୍ଲୀପ ଶତପଥୀ, ସମ୍ମାଜସେବୀ ସୁରେଶ ସିଂ, ରବି ଦଳେଜ, ଶିକ୍ଷକ ଅମରେନ୍ଦ୍ର ଦାସ, ମନୋଜ ସିଂହ, ରାଜୀବ ପଣ୍ଡା,ସଂଗ୍ରାମ ଗିରି, ରବିନ୍ଦ୍ର ଗିରି, ବନ୍ଦନ ଶତପଥୀ,ପିଙ୍କୁ ଘୋଷ, ଉପେନ୍ଦ୍ର ପରିଡ଼ା,ପ୍ରମଥ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଭାଗବତ ପ୍ରଧାନଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସଭାର ଆରମ୍ଭରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଭାଗବତ ପ୍ରଧାନଙ୍କ ସାନ ପୁଅ ପ୍ରବୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ତାଙ୍କର ଦୁଇ ପୁଅ,ବୁଢ଼ ଝିଅ ସମେତ ପରିବାରର ସମସ୍ତ ସଦସ୍ୟ ତଥା ଅଂଚଳର ବହୁ ଲୋକ ଉପସ୍ଥିତ ଥିଲେ ।

ଯୁବ ଯାଦବ ମହାସଭା ପକ୍ଷରୁ ଜଳଛତ୍ର

ଭଦ୍ରକ, ୧୩/୦୪(ଆ.ପ୍ର) :ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ପକ୍ଷରୁ ଆଜି ସୋମବାର ବାଲାପାସ ଠାରେ ଯାତ୍ରୀ / ବାଟୋଳୁଙ୍କୁ ବହି ସର୍ବତ ପ୍ରବାନ ନେଇ ଉଦଘାଟନୀ ହୋଇଯାଇଛି । ଜଳ ହିଁ ଜୀବନ କ୍ଷପ୍ରଚଣ୍ଡ ରୌଦ ତାପ ହେତୁ ଦୀର୍ଘ ଏକମାସ ଧରି ଏହି ଜଳଛତ୍ର ଚାଲୁ ରହିବ ବୋଲି ଯୁବ ଯାଦବ ସଭାପତି ଭବିନାଭାୟଣ ଖୁଣ୍ଟା ପ୍ରକାଶ କରିଛନ୍ତି । ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ ସଭାପତି ପ୍ରଭାକର ପର୍ଗିତା, ଉପସଭାପତି ସଂଜୀବ ନାୟକ, ସାଧୁ ଚରଣ ବାରିକ, ନିରଞ୍ଜନ ବାରିକ, ପିୟୁସ ଦାସ, ମୁକ୍ତି କାନ୍ତ ନାୟକ,, ତ୍ରିଲୋଚନ ବାରିକ, ତପନ ବାରିକ ପ୍ରମୁଖ ଯାଦବ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

ବିଳମ୍ବିତ ରାତିରେ ତେଜରାତି ଦୋକାନରେ ଅଗ୍ନିକାଣ୍ଡ

ସିମୁଳିଆ, ୧୩/୦୪(ଆ.ପ୍ର) : ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ହୋଇ ତେଜରାତି ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଜାଙ୍କୁଝାଡ଼ି ପଂଚାୟତର ରାଧାକୃଷ୍ଣପୁର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଦିଲ୍ଲୀପ ଦାସଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ଘଟି ଦାସ ଲଫି ସେଂଟର ଓ ତେଜରାତି ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡରେ ଦୋକାନରେ ଥିବା ମାଇକ୍ରୋଭେନ, ଫ୍ରିଜ, ଡିଫ୍ରିଜ, ଚା ପାନ ଦୋକାନ ସାମଗ୍ରୀ, ଟଙ୍କା ସମେତ ତେଜରାତି ସାମଗ୍ରୀ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ସୋର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ ମଧ୍ୟ ସବୁ ପୋଡି ପାଉଁଶ ହୋଇଯାଇଛି ।

ପୂର୍ବ ଭାରତ ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବର ଉଦ୍‌ଯାପନୀ ପାଟପର୍ବ ଲୁହାକଂଟା ଫୋଡିଥିବା ଦଶନଖୀ ଭକ୍ତ ମେଳାର ମୁଖ୍ୟ ଆକର୍ଷଣ

ଭୋଗରାଇ, ୧୩/୦୪(ଆ.ପ୍ର) : ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ତଥା ଭୋଗରାଇ ବ୍ଲକ ବୁଢ଼

ସମ୍ବାଦକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଯୌଥ ପରିବାର

ଯୌଥ ପରିବାରର ଅର୍ଥ ସଂଯୁକ୍ତ ପରିବାର । ଏହା ବହୁ ପୁରାତନ କାଳରୁ ବିଶେଷ କରି ଭାରତରେ ପ୍ରଚଳିତ । ଯୌଥ ପରିବାର ଯେ କେବଳ ଭାରତରେ ଅଛି ତାହା ନୁହେଁ, ବରଂ ଏହା ଲଷ୍ଟ ଓ ସାରାଏ ଏଶିଆରେ ଏବଂ ବିଶେଷ କରି ଆଫ୍ରିକାରେ ବେଶି ଦେଖିବାକୁ ମିଳେ । ସେ ଯାହା ହେଉନା କାହିଁକି ଭାରତୀୟ ଯୌଥ ପରିବାରର ସ୍ଥାନ୍ତ ଅତି ବିରିଡ଼ି ଓ ମହାନ । ଏହି ପରିବାରରେ ବୟସ୍କ ଓ ବୃଦ୍ଧ ବ୍ୟକ୍ତିମାନେ ମୁଖ୍ୟ ହିସାବରେ ବିବେଚନା ହୁଅନ୍ତି । ତାଙ୍କର ଆଦେଶ ଏପରେ ଆଇନ୍ ଭଳି କାର୍ଯ୍ୟ କରେ । ତାଙ୍କର ଶାସନ ପରିବାରର ନିଷ୍ପତ୍ତି । ପରିବାରର ସମସ୍ତ ବ୍ୟକ୍ତି ତାଙ୍କୁ ନମ୍ରତାର ସହ ଭକ୍ତି କରାଯେବେ ସେ ମଧ୍ୟ ସମସ୍ତଙ୍କୁ ସ୍ନେହ ଦେଇଥାନ୍ତି । ଏହି ପରିବାରଟି ପରିବାର ମୁଖ୍ୟର ସ୍ତ୍ରୀ, ଭାଇ, ଭାଇଜାଏ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ନେଇ ଗଠିତ । ଦେଶୀକାଳୁ ଗଲେ ପ୍ରାଚୀନ ମଧ୍ୟଯୁଗରେ ପରିବାରର ବୟସ୍କ ଲୋକ ଖୁବ୍ ସମ୍ମାନ ପାଉଥିଲେ । ଏମିତିକି ପରିବାରର ବୟସ୍କ ଲୋକମାନେ ପରିବାର ସଦସ୍ୟଙ୍କ ସହ ଆଳାପ ଓ ଆଲୋଚନାରେ ସମୟ କାଟୁଥିଲେ । ସେମାନେ ଘରର ସଦସ୍ୟା ଓ ନାତି, ନାତୁଣୀଙ୍କ ସହ ସମ୍ବନ୍ଧ ପରିଚାଳନା କରି ଘରେ ଏକ ଖୁସିର ବାତାବରଣ ସୃଷ୍ଟି କରୁଥିଲେ । ନିଜେ ଖୁସି ରହିବା ସଙ୍ଗେ ସଙ୍ଗେ ପରିବାରକୁ ମଧ୍ୟ ଖୁସି ଦେଇଥିଲେ । ଏହି ପରିବାରର ବୟସ୍କମାନେ ଅନ୍ୟମାନଙ୍କୁ ସ୍ନେହ, ଶ୍ରଦ୍ଧା, ଭକ୍ତି, ଦୟାର ଓ ସମ୍ବନ୍ଧୀୟତାର ଗୁରୁତ୍ୱର ପଢ଼ାଉଥିଲେ ଯାହାକୁ କି ପରିବାରର ସୁବିଧାରି ଅଷ୍ଟର ଅଷ୍ଟରେ ପାଳନ କରି ଶୃଙ୍ଖଳିତ୍ୱରାନ୍ ଓ ବାଧିତ୍ୱ ସମ୍ପନ୍ନ ହେଉଥିଲେ । ପରଷ୍ପରକୁ ଭଲ ପାଇବା ଓ ପରସ୍ପର ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଏହାର ମୂଳମନ୍ତ୍ର । ଏହା ପରିବାରର ଆତ୍ମୀୟତା କହିଲେ ନମସ୍ତେ । ବାର୍ଦ୍ଧକ୍ୟର ଲକ୍ଷାଘରରେ ବେସାହାରା ବ୍ୟକ୍ତିଟି ଏପରେ ସାନ୍ତ୍ୱନା ପାଇଥାଏ । ତାହାର ଓ ସମ୍ବନ୍ଧୀୟକୀ ଏହାର ଆତ୍ମ ହେବା ବେଳେ ନିଃସ୍ୱାର୍ଥପର ଏହାର ଶରୀର ଗୋଇଥାଏ । ଏପରେ ଗୁରୁଜନମାନଙ୍କୁ ଭକ୍ତି କରିବା ସମ୍ପଦୟସ୍ଥମାନଙ୍କୁ ଦରିଦ୍ରା ଦେବା ଓ ସମ୍ବନ୍ଧମାନଙ୍କୁ ସ୍ନେହ ଦେବା ଅତି ଆଗରେ । ଏହି ପରିବାରରେ ଜୀବନ ଜୀଉଁବା ଏକ ଆନନ୍ଦ ଓ ଆତ୍ମଶାନ୍ତିମୂଳ୍ୟ । ଏପରେ ପିଲାମାନେ ସଂସ୍ପର୍ଶମୟ ଜୀବନ ବେଳ ଗଢ଼ି କରିଥିବା ବେଳେ ଭବିଷ୍ୟତର ଜୀବନ ସୁଖରେ ସେମାନେ କେବେ ହାରିଯାଇ ନଥାନ୍ତି । ସଂସ୍ପର୍ଶମୟ ଜୀବନରେ ସେ କେବେ ଏକଲାପଣ ଅନୁଭବ କରେ ନାହିଁ । ଏପରେ ଥିବା ଏକ ହାତ, ଏକ ମନ, ଏକ ପ୍ରାଣ ଏକଲାପଣ ଅନୁଭବ କରିବାକୁ ଦିଏ ନାହିଁ । ଯାହାକି ସମ୍ବନ୍ଧକୁ ଏକତାର ମନ୍ତ୍ର ଶିଖେଇଥାଏ । ଏହି ପରିବାରର ଭୋଜି, ଭାତ, ପର୍ବପର୍ବାଣି ପାଳନ କରିବା ଅତି ନିଆରା । ଦୁର୍ଦ୍ଦିନର ରାତ୍ରି ଏପରେ ଦୁର୍ଦ୍ଦିନ ଭଳି ଲାଗେ । ଜୀବନ ଭୂପର ରାସ୍ତା ଏପରେ ଚାଲୁ ଚାଲୁ ଚାଲିଯାଏ । ସମସ୍ତ ଦୁଃଖକୁ ଏପରେ ସମସ୍ତେ ବାଣ୍ଟିକୁଣ୍ଡି ନେଇଥିବାରୁ ଦୁଃଖ କଣ ଜଣାପଡ଼େ ନାହିଁ । ଏହା ଯୁବପିଢ଼ିମାନଙ୍କୁ ଶୃଙ୍ଖଳା, ସମ୍ପାଦୁର୍ଦ୍ଧତା ଓ କର୍ତ୍ତବ୍ୟପରାୟଣ ବିଷୟରେ ଶିକ୍ଷା ଦେଇଥାଏ । ସ୍ୱାର୍ଥଲେଶି ମଣିଷଟି ଏପରେ ବାଟବଣା ହୋଇଥିବେଳେ ନିଃସ୍ୱାର୍ଥପର ମଣିଷଟି ଠିକ୍ ବାଟରେ ବାଟୋଇ ଚାଲିଥାଏ । ଏପରେ ଥିବା ପୁରୁଣା ଲୋକମାନେ ଯୁବପିଢ଼ିଙ୍କୁ ଠିକ୍ ବାଟରେ ପରିଚାଳିତ ହେବା ପାଇଁ ଉପଦେଶ ଦେଇଥାନ୍ତି । ସତରେ ଯୌଥ ପରିବାରଟି ସମ୍ବନ୍ଧଶୀଳତାର ଏକ୍ତୁଟ୍ଟିଶାଳ ଭଳି କାର୍ଯ୍ୟ କରାଯେବେଳେ ଆଜି ଏହି ଏକ୍ତୁଟ୍ଟିଶାଳ ଭଗ୍ନସ୍ତୂପରେ ପରିଣତ ହେବାକୁ ଯାଉଛି ।କାଳର ପ୍ରବାହମାନ ଢ଼େଉରେ ସଂସ୍କୃତ ପରିବାର ଆଜି ଖଣ୍ଡବିଖଣ୍ଡିତ । ସେହି ଖଣ୍ଡବିଖଣ୍ଡିତ ଭଗ୍ନସ୍ତୂପରୁ ଆଜି କ୍ଷୁଦ୍ର ପରିବାର ସୃଷ୍ଟି । ଏହି କ୍ଷୁଦ୍ର ପରିବାରଟି ଗୋଟିଏ ପୁରୁଷ ଓ ତାର ସ୍ତ୍ରୀ, ସନ୍ତାନସନ୍ତତିକୁ ନେଇ ଗଠିତ । କ୍ଷୁଦ୍ର ପରିବାର ଆଜି କେବଳ ଆମେ ଦୁଇ ଓ ଆମର ଏକକୁ ଗୁରୁତ୍ୱ ଦେଇବେଳେ ଜନ୍ମିତ ପିତା ଓ ଗୁରୁଜନମାନଙ୍କୁ ପର କରି ଦେଉଛି । ଆପେ ବଞ୍ଚିବେ କାପାର ନାଁକୁ ଶ୍ରେୟ ଦେଉଛି । ଏହି ଯୁବ ସମ୍ପତ୍ତି ନାମ, ଯଶ ଓ ଅର୍ଥ ପାଇଁ ଦୌଡ଼ୁଛନ୍ତି ହେଲା ବେଳେ ଏହି ଦୌଡ଼ୁକାରୀ ଚାଲୁ ପରିବାର ଚାଲୁ ଚୂରେଇ ଦେଉଛି । ଆଧୁନିକ କ୍ଷୁଦ୍ର ପରିବାରରେ ପିତା, ମାତା କର୍ମ ଜଞ୍ଜାଳରେ ବାହାରକୁ ଅର୍ଥ ଉପାର୍ଜନ ପାଇଁ ଚାଲାବେଳେ ନାରିକ ଶିଶୁଟି ସ୍ନେହ, ଶ୍ରଦ୍ଧାରେ ବଞ୍ଚିତ ହୋଇ ଚାକରବାକର ଦ୍ୱାରା ଲାଳିତ, ପାଳିତ ହେଉଛି । ଯାହାଦ୍ୱାରା କୋମଳମତି ପିଲାମାନଙ୍କ ମନରେ ପ୍ରତିହିଂସା ଭାବ ସୃଷ୍ଟି ହେଉଛି । ଆଜିର ସାରିସମ୍ବାଦୀ ଏହି ପରିବାରକୁ ନଷ୍ଟ କରିବାର ମୂଳ କାରଣ । କାରଣ ସାରଦା ମଣିଷ ସନ୍ଧାନ ସମ୍ପାଦାରେ ପ୍ରଜନ୍ମ ଅଭାବ ଓ ନିଜର ସ୍ୱାର୍ଥ ସାଧନ ପାଇଁ ଏହି ପରିବାରକୁ ଖଣ୍ଡବିଖଣ୍ଡିତ କରୁଛି । ସାରଦା ସମ୍ପାଦାର ଜୀବିକା ଅର୍ଜନ ଏଥିରୁ ଆହୁରି ମଧ୍ୟ କରିଦେଇଛି । ନୂତନ ବଂଶଧରି ମୂଳ୍ୟ କରି ଯୌଥ ପରିବାରର ପାଇ ଦେବାବେଳେ ସେ ସମ୍ପତ୍ତ ବାଣ୍ଟିଦିବୁ ନେବାକୁ ଅଣ୍ଟିଛନ୍ତି । ଯଥସ୍ପାରା ଶାନ୍ତି, ଜୋଡ଼ୁ ଓ ପରିବାର ମଧ୍ୟରେ ବିଚ୍ଛେଦ ଭାବ ସୃଷ୍ଟି ହୁଏ ଓ ଅଦିନରେ ଗୁଳ୍ମ ଦୁଃଖମୟ ପାଇଁ ପରିବାରଟି ଭାଙ୍ଗି ଯାଏ । ପରିବାରର ନୂତନ ପିଢ଼ି ଭଲ ଖାଇବା, ଭଲ ପିନ୍ଧିବା, ଭଲ ଉପଭୋଗ କରିବା ଉପରେ ଗୁରୁତ୍ୱ ଦେବାବେଳେ ନିଜ ପରିବାରର ଚାଲାଲୁ ଗୁଳିଥାଏ । "ବସୁଧୈବ ସମ୍ବନ୍ଧୁର"ର ଭାବନାକୁ ସେମାନେ ଆପଣାର କରି ନପାରିଥିବାରୁ ଭୋଇଆସିଛି । ସେମାନଙ୍କ ମତରେ ପରିବାର ଲାଗିଲେ ସ୍ତ୍ରୀ, ସ୍ତ୍ରୀ ଓ ତାଙ୍କର ସନ୍ତାନ ସନ୍ତତି ।

ଦୂରଦର୍ଶୀ ରାଷ୍ଟ୍ରନାୟକ ଡଃ. ଆମ୍ବେଦକର

॥ ସୁବାଷ ନିଆଲ ॥

ସମାଜରେ ଏକତା, ସମତା ଓ ସମାନତାର ଅଧିକାର ପାଇଁ ଯେଉଁ କେତେ ଜଣ ମହାପୁରୁଷ ସଂଘର୍ଷ କରି ଅମର ହୋଇ ଯାଇଛନ୍ତି, ତନ୍ମଧ୍ୟରେ ଭାରତରତ୍ନ ଡଃ. ଭୀମରାଓ ରାମଜୀ ଆମ୍ବେଦକର ଅନ୍ୟତମ । ଗୁଡ଼ିବାଦୀ ଭାରତୀୟ ସମାଜରେ ଥିବା ବର୍ଣ୍ଣବୈଷମ୍ୟ, ଭଜନୀକ ଭେଦଭାବ, ମାନବିକ ଅଧିକାର ହନନ ପରି କୁସଂସ୍କାରଗୁଡ଼ିକ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ତାଙ୍କର ସଂଗ୍ରାମ ଓ ସଂଘର୍ଷ କରିଥାଏ ସମାଜର ଅଗଣିତ ନିମ୍ନ, ଅବହେଳିତ ଓ ନିଷ୍ପେଷିତମାନଙ୍କ ପାଇଁ ଆଲୋକବର୍ତ୍ତିକା ହୋଇପାରିଥିଲେ ।

ଡଃ. ଆମ୍ବେଦକରଙ୍କ ଜୀବନ ଥିଲା ପ୍ରାରମ୍ଭରୁ ସଂଘର୍ଷମୟ । ଛାତ୍ର ଅବସ୍ଥାରେ ଜାତିଭେଦର ଶିକାର ହେବାରୁ ବାଳିକା ଜୀବନରେ ନିର୍ଯାତିତ ହେବା ପରବର୍ତ୍ତୀ ସମୟରେ ରାଜନୀତି କ୍ଷେତ୍ରରେ ଅସହିଷ୍ଣୁତାର ଶିକାର ହେବା ଆଦି ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଜଂରେଜମାନଙ୍କ ଦ୍ୱାରା ଗୁଲାମ ଜୀବନ ଜିଇଁବା ଦୁଇଜାରେ ନିଜ ଲୋକଙ୍କ ଦ୍ୱାରା କ୍ଷେତ୍ରିତ ଏବଂ ନିର୍ଯାତିତ ହେବା ତାଙ୍କୁ ଅଧିକ ଶକ୍ତିଶାଳୀ କରିଥିଲା । ସଂଗ୍ରାମୀ ଜୀବନରେ ସେ ମୂକ ନାୟକ, ବହିଷ୍କୃତ ଭାରତ ଭଳି ପତ୍ରିକା ପ୍ରକାଶ କରି ସମାଜରେ ଥିବା ସବକ କୁସଂସ୍କାର, କୁପ୍ରଥା, ସାମାଜିକ ଭେଦଭାବ ଇତ୍ୟାଦିକୁ ଉଜାଗର କରିଥିଲେ । ଜାତି, ଧର୍ମ ଆଦରେ ମନୁଷ୍ୟ ନିର୍ଯାତିତ ହେବା ତାଙ୍କୁ ବ୍ୟଥିତ କରୁଥିଲା । ହିନ୍ଦୁଙ୍କ ଦ୍ୱାରା ନିର୍ଯାତିତ, ମୁସଲମାନଙ୍କ ଦ୍ୱାରା ପ୍ରତାଡ଼ିତ ଏବଂ ସରକାରଙ୍କ ଦ୍ୱାରା ଉପେକ୍ଷିତ ଦଳିତମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ସେ ଅଣ୍ଟା ଭିଡ଼ିଥିଲେ । ସ୍ୱାଧୀନତା ସେଥିରେ ଦେଶରେ ସାମାଜିକ ନ୍ୟାୟ ପ୍ରତିଷ୍ଠାର ପ୍ରମୁଖ ଦିଶାଣି । ସ୍ୱାଧୀନତା ପ୍ରାପ୍ତି ପରେ ଭାରତର ସମ୍ବିଧାନ ପ୍ରଣୟନର ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ସେ ଥିଲେ ଅଧ୍ୟକ୍ଷ । ଭାରତର ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ସେ ଯେଉଁ ବିଜ୍ଞତା, ଦୂରଦୀମତା ଏବଂ ଦୂରଦୃଷ୍ଟିର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଚିରଦିନ ପାଇଁ ଅନୁକରଣୀୟ ହୋଇରହିବ । ସମ୍ବିଧାନ ପ୍ରଣୟନବେଳେ ଭାରତର ସାମାଜିକ ବ୍ୟବସ୍ଥା ସହ ଦେଶର ପ୍ରତିଟି ଜାତି, ଧର୍ମ, ବର୍ଣ୍ଣ ଭଳି ଅନେକ ବିଭିଧତାକୁ ଗୁରୁତ୍ୱର ସହ ବିଚାରକୁ ନେଇ ସମ୍ବିଧାନ ପ୍ରଣୀତ କରିଥିଲେ । ପଂଚଶତ, ଭାରତ ଭଳି ଏକ ବହୁ ଜାତି, ଧର୍ମ, ବିଶ୍ୱାସ ରହିଥିବା ରାଷ୍ଟ୍ରରେ ସାମ୍ବିଧାନିକ ଗଣତନ୍ତ୍ର ପ୍ରତିଷ୍ଠା ସଫଳ ହୋଇପାରିଛି । ସମ୍ବିଧାନ ପ୍ରଣୟନ ବୃହତ୍ତମ ହେବା ପରେ ସମ୍ବିଧାନ ସଫଳରେ କହିବାକୁ ଯାଇ ଡଃ. ଆମ୍ବେଦକର କହିଥିଲେ ଯେ ସମ୍ବିଧାନ ଯେତେ ଉତମ ହେଲେ ଦେଁ ଏହାକୁ କାର୍ଯ୍ୟକାରୀ କରିବା ବାଧିତ୍ୱରେ ଥିବା ଲୋକେ ଯଦି ତା'ର ସଠିକ୍ ? ଉପଯୋଗ ନ କରନ୍ତି ତେବେ ତାହା ଉତମ ସମ୍ବିଧାନ ହୋଇପାରିବ ନାହିଁ । ଆଜି ତାଙ୍କର ଏହି ବକ୍ତବ୍ୟ ଉପରେ ଆମେ ଚିନ୍ତନ କରିବା ସମୟ ଆସିଛି । ସମ୍ବିଧାନରେ ପ୍ରତିଟି ପ୍ରାବଧାନକୁ ଆମେ କେତେଦୂର ପାଳନ କରିବାରେ ସମର୍ଥ ହୋଇପାରିଛେ ତା'ର ସମୀକ୍ଷା କରିବା ଆବଶ୍ୟକ ହୋଇ ପଡ଼ିଛି । ଡଃ ଆମ୍ବେଦକରଙ୍କ ଦୂରଦୃଷ୍ଟି କେତେ ପ୍ରଖର ତାହା ତାଙ୍କର ପ୍ରଣୀତ ସମ୍ବିଧାନରେ ରହିଥିବା ସଂଶୋଧନ ବ୍ୟବସ୍ଥାର ଜଣାପଡ଼େ । ଏହା ଯେପରି ଏକ ମୃତଦତ୍ ପାଣ୍ଡୁଲିପି ନ ପାଲଟେ ସେଥି ପାଇଁ ସମ୍ବିଧାନକୁ ସମୟୋପଯୋଗୀ କରିବାକୁ ଏଥିରେ ସଂଶୋଧନର ପ୍ରାବଧାନ ରଖାଯାଇଛି । ଶାନ୍ତି ବିଶ୍ୱର ତଥାକଥିତ ବିକଶିତ ରାଷ୍ଟ୍ରଗୁଡ଼ିକ ଯେପରି ଭାବେ ଭୁଖୁଡ଼ି ସଂଘର୍ଷ ପହୁଞ୍ଚି ସେଥିରୁ ସହରେ ଅନୁମେୟ ଯେ ଭାରତୀୟ ସମ୍ବିଧାନ ଏକ ନିତ୍ୟନୂତନ ଓ ଯୁଗୋପଯୋଗୀ ଦସ୍ତାବିଜ୍ ଅଟେ, ଯାହା ଆଗାମୀ ବହୁ ବର୍ଷ ଧରି ଏହି ରାଷ୍ଟ୍ରକୁ ଦିଗ୍‌ଦର୍ଶନ ନେବାରେ ସମର୍ଥ ହେବ ।

ଦେଶର ପ୍ରଥମ ଆଇନ ମନ୍ତ୍ରୀ ଭାବେ ଡଃ. ଆମ୍ବେଦକର କେତେକ କ୍ରାନ୍ତିକାରୀ ବିଲ୍ ଆଗତ କରିଥିଲେ । ସେଥିରେ ଅସ୍ପୃଶ୍ୟତା ନିବାରଣ ଏବଂ ହିନ୍ଦୁ କୋଡ୍ ବିଲ୍ ପ୍ରମୁଖ । ହିନ୍ଦୁ, ହିନ୍ଦୁ କୋଡ୍ ବିଲ୍‌କୁ ନେଇ ସଂସଦରେ ବହୁ ତର୍କବିତର୍କ ହୋଇଥିଲା । ଏପରି ଏକ କ୍ରାନ୍ତିକାରୀ ବିଲ୍ ପ୍ରତି ସରକାରଙ୍କ ନରମ ମନୋଭାବ ତାଙ୍କୁ କ୍ଷୁଣ୍ଣ କରିଥିଲା । ସେ ୧୯୫୧ ମସିହାରେ ନେହେରୁଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ । ତାଙ୍କର ରାଜନୈତିକ ଜୀବନ ମଧ୍ୟରେ ସେ ଅନେକ ଯୁଗୋପଯୋଗୀ କାର୍ଯ୍ୟ କରି ତାଙ୍କର ପ୍ରଖର ଦୂରଦୀମତା ଏବଂ ଦୂରଦୃଷ୍ଟିର ପ୍ରମାଣ ଦେଇଯାଇଛନ୍ତି । ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସନାଧିନ ଭାରତର ଶ୍ରମମନ୍ତ୍ରୀ ଭାବେ ସେ ଜଳ-ଜାରଖାଣ୍ଡ, ଖଣି, ଖାଦାନରେ କାର୍ଯ୍ୟରତ ଶ୍ରମିକମାନେ କରୁଥିବା ୧୨ ଘଣ୍ଟା ସମୟକୁ ୮ ଘଣ୍ଟା କରିବା ବିଧେୟକ, ମହିଳାମାନଙ୍କୁ ପ୍ରସବକାଳୀନ ଛୁଟି, ମହିଳା ଓ ପୁରୁଷଙ୍କ ପାରିଶ୍ରମିକ ସମାନ କରିବା ଇତ୍ୟାଦି କେତେକ ପ୍ରମୁଖ କାର୍ଯ୍ୟ ଆଜି ବି ଉଦାହରଣ ହୋଇରହିଛି । ସେହିପରି ହିନ୍ଦୁ କୋଡ୍ ବିଲ୍‌ରେ ସେ ଯେଉଁ ପ୍ରାବଧାନ ସବୁ ଲଖି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ଆତ୍ମସମ୍ମାନର ସହ ବଞ୍ଚିବାର ପଥ ଉନ୍ମୁକ୍ତକରି ଦେଇଛନ୍ତି, ତନ୍ମଧ୍ୟରେ ମହିଳାମାନଙ୍କୁ ପିତାଙ୍କ ସଂପତ୍ତିର ଉତରାଧିକାର, ବିବାହ ବିଚ୍ଛେଦ, ବିଧବା ବିବାହ ବା ପୁନଃବିବାହ, ପୋଷ୍ୟ ସନ୍ତାନ ଗ୍ରହଣ ପରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିଲା ।

ପ୍ରାକ୍-ସ୍ୱାଧୀନତା କାଳରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ପୁନରୁତ୍ଥି ବା ପୁନା ପାକ୍ଟ ଥିଲା ଏକ ବିଶେଷ ଘଟଣାକ୍ରମ । ୧୯୨୮ରୁ ୧୯୩୨ ମସିହା ମଧ୍ୟରେ ବ୍ରିଟିଶ ସରକାର ଓ ଭାରତର ନେତୃବର୍ଗଙ୍କ ମଧ୍ୟରେ ହୋଇଥିବା ନୀତି ଗୋଲଟେବୁଲ୍ ବୈଠକରେ ଭାରତର ସ୍ୱାଧୀନତା ଏବଂ ଅନ୍ୟତମ ଆନୁଷଙ୍ଗିକ ବିଷୟ ଉପରେ ଆଲୋଚନା ମାଧ୍ୟମରେ ସମ୍ବନ୍ଧିତ ପ୍ରକାଶ କରିବା ଥିଲା ବୈଠକର ଉଦ୍ଦେଶ୍ୟ । ଡଃ. ଆମ୍ବେଦକର ତିନୋଟିଯାକ ବୈଠକରେ ଯୋଗଦାନ କରି ଭାରତର ଅଗଣିତ ଦଳିତ, ପଛୁଆ ଓ ସଂଖ୍ୟାଲଘୁ ବର୍ଗର ଲୋକଙ୍କ ପାଇଁ ବ୍ରିଟିଶ ସରକାରଙ୍କ ଆଗରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ବ୍ରିଟିଶ ସରକାର କମ୍ୟୁନାଲ୍ ଆୱାର୍ଡ ମାଧ୍ୟମରେ ଦଳିତମାନଙ୍କୁ ଭୋଟ ଦେବାର ଅଧିକାର, ସେମାନଙ୍କ ପାଇଁ ପୃଥକ ନିର୍ବାଚନ, ଦେଶରେ ଦ୍ୱୈତ ମତଦାନ ବ୍ୟବସ୍ଥା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଦାବିକୁ ସମର୍ଥନ କରି ମଞ୍ଜୁର କରିଥିଲେ । ଏସବୁ ଦାବିଗୁଡ଼ିକ ନେଇ ତାଙ୍କର ମହାତ୍ମା ଗାନ୍ଧୀଙ୍କ ସହିତ ମତାନ୍ତର ହୋଇଥିଲା ଏବଂ ଏହି କମ୍ୟୁନାଲ୍ ଆୱାର୍ଡରୁ କାର୍ଯ୍ୟକାରୀ ନ କରିବାକୁ ବ୍ରାଇଟିଶିକ ଚାପ ଓ ଜନସମର୍ଥନ ହାସଲ ପାଇଁ ଗାନ୍ଧିଜୀ ଆମରଣ ଅନଶନର ଆଶ୍ରୟ ନେଇଥିଲେ । ପରବର୍ତ୍ତୀ ସମୟରେ ପୁନା ଚୁକ୍ତି ସ୍ୱାକ୍ଷରପୂର୍ବକ ଏହି ବିବାଦର ସମାଧାନ କରାଯାଇଥିଲା । ଆମ୍ବେଦକର ଏହି ଘଟଣାକୁ ନେଇ ବିଶେଷ ମର୍ମାହତ ହୋଇଥିଲେ । ଗାନ୍ଧିଜୀ ତାଙ୍କର ଚିରାଚରିତ ଆମରଣ ଅନଶନରୁ ଓହରି ଯାଇଥିଲେ । ଭାରତ ଏକ ଦ୍ୱିଧାମୂଳ ପରିସ୍ଥିତିରୁ ରକ୍ଷା ପାଇପାରିଲା, ହେଲେ ଏ ଦେଶର ଅଗଣିତ ଦଳିତ, ନିଷ୍ପେଷିତ ବର୍ଗର ଲୋକଙ୍କ ଦୁର୍ଦ୍ଦଶା ଯଥା ପୂର୍ବ ତଥା ପରଂ ଭାବେ ରହିଗଲା ।

ଡଃ. ଆମ୍ବେଦକର ଥିଲେ ଜଣେ ପ୍ରଖର ରାଷ୍ଟ୍ରନେତା । ସେ କହିଥିଲେ ମୁଁ ପ୍ରଥମେ ଭାରତୀୟ ଏବଂ ଶେଷରେ ବି ଭାରତୀୟ । ଏହା ତାଙ୍କର ରାଜନୈତିକ ଜୀବନରେ କରି ଯାଇଥିବା କେତୋଟି ଘଟଣାରୁ ସ୍ପଷ୍ଟ ହୁଏ । ହିନ୍ଦୁ ଧର୍ମଧାରାରେ ଥାଇ ବି ଦଳିତଙ୍କୁ ତଥାକଥିତ ଉଚ୍ଚବର୍ଗର ଲୋକେ ଯେଉଁଭଳି ଭାବେ ନିର୍ଯାତନା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ ସେଥିରେ ସେ ବ୍ୟଥିତ ଥିଲେ ସତ, ମାତ୍ର ସେମାନଙ୍କୁ କେଉଁ ଅଲଗା ରାଷ୍ଟ୍ର କଥା କେବେ ବି ଚିନ୍ତା କରି ନ ଥିଲେ । ନତେତ ଧର୍ମ ଆଧାରରେ ମୁସଲିମ୍ ଲିଗ୍ ପାକିସ୍ତାନର ଦାବି ଉଠାଇବା ଭଳି ସେ ମଧ୍ୟ ଦଳିତ ସ୍ଥାନ ପାଇଁ ଦାବି ଉପସ୍ଥାପନ କରିପାରିଥାନ୍ତେ । ତେବେ ପାକିସ୍ତାନରେ ସେ ଲିଜୁ ସେଟେଲ୍‌ମେଣ୍ଟ କଥା ଉତ୍ଥାପନ କରିଥିଲେ ଯେଉଁ ଥେଥୁରୁ ସେ ମାନେ ଅଲଗା ରାଷ୍ଟ୍ର ଭାବେ ଗଢ଼ି ପାରନ୍ତେ । ସମ୍ବିଧାନରେ ମହିଳାମାନଙ୍କୁ ଯୁକ୍ତିଫର୍ମ ସିଭିଲ୍ କୋଡ୍ ଦ୍ୱାରା ଦିବାର, ଛାଡ଼ପତ୍ର, ପିତୃଦ୍ତ୍ତସମ୍ପତ୍ତିର ଭାଗଭାଗରି ଭଳି ଅନେକ ପ୍ରଗତିଶୀଳ ପଦକ୍ଷେପକୁ ଆଲମନ୍ତର ଭାବେ ସିଦ୍ଧ କରିଥିଲେ । ସମାଜରେ ପ୍ରଚଳିତ ଲିଙ୍ଗଗତ ତାରତମ୍ୟରେ ସୁଧାର ଆଣି ପିତୃସତ୍ତାର ହ୍ରାସ କରି ପ୍ରଥମ ଭାବେ ମୁଖ୍ୟ ଉଦ୍ଦେଶ୍ୟ । ମଜରେ ନାରୀମାନେ ସମାଜରେ ବରାବର ଅଧିକାର ପାଇ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ ଓ ସାମାଜିକ ବ୍ୟବସ୍ଥା କ୍ଷେତ୍ରରେ ସକ୍ଷମ ହୋଇପାରିଥିଲେ ।

କେନ୍ଦ୍ରସଂପଦ ମନ୍ତ୍ରୀ ଭାବେ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରି ଜନସଂପଦର ଯଥାଯଥ ବିନିଯୋଗ ମାଧ୍ୟମରେ କିପରି ଦେଶର ଅର୍ଥନୀତି ବିଶେଷ ଭାବେ କୃଷି କ୍ଷେତ୍ରରେ ବିକାଶ ସମ୍ଭବ, ତାହା ସେ ପରିଚାଳନା କରିଥିଲେ । ଦେଶର ୯ ଗୋଟି ବିଶାଳ ବହୁମୁଖୀ ଯୋଜନାଗୁଡ଼ିକରୁ ଓଡ଼ିଶାର ହୀରାକୁଦ ନଦୀବନ୍ଧ ଥିଲା ଅନ୍ୟତମ । ହୀରାକୁଦ ନଦୀବନ୍ଧ କାର୍ଯ୍ୟକାରୀ ହେବା ପରେ ଏହାର ପରିଚାଳନା ଓ ସମ୍ପଦତା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଡଃ ଆମ୍ବେଦକରଙ୍କୁ ପତ୍ର ମାଧ୍ୟମରେ କୃତଜ୍ଞତା ଜଣାଇଥିବା ଚରିତ୍ରାବଳୀରୁ ଜଣାପଡ଼େ । ଏପରି ପ୍ରଗତିଶୀଳ କାର୍ଯ୍ୟର ଉଦ୍ୟୋକ୍ତା, ସାମାଜିକ ପରିବର୍ତ୍ତନର ସୂତ୍ରଧର, ଶିକ୍ଷା ସଚେତନତାର ଦାର୍ଢ଼ାବର, ନାରୀ ଆତ୍ମସମ୍ମାନର ପୁରର୍ଦ୍ଧକ ଡଃ ଆମ୍ବେଦକରଙ୍କୁ ପ୍ରଖର ରାଷ୍ଟ୍ରବାଦୀ ନେତା ଭାବେ ଗ୍ରହଣ କରିବା ପରିବର୍ତ୍ତେ କେବଳ ଦଳିତମାନଙ୍କ ମସିହା ଭାବେ ଚରିତ୍ରଶିତ କରିବା ଅତ୍ୟନ୍ତ ପରିତାପର ବିଷୟ ।

ଡଃ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରଣୟନ କରି ନ ଥିବା ବିବାଦ ସୃଷ୍ଟି କରି ଆଜି ସମାଜରେ ଅସ୍ଥିରତା ସୃଷ୍ଟି କରାଯାଇଛି । ଏପରିକି ଗ୍ରାଲିୟର ହାଇକୋର୍ଟ ପରିସରରେ ଏହି ରାଷ୍ଟ୍ରନିର୍ମାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ କରାଯିବା ଘଟଣା ସମଗ୍ର ରାଷ୍ଟ୍ର ପାଇଁ ଲଜ୍ଜାର ବିଷୟ । ମିସୁରିର କଲମିଆ ବିଶ୍ୱବିଦ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୧୩/୦୪(ଆ.ପ୍ର) : ଜି.ଉଦୟଗିରି ବ୍ଲକ ସଭା ଗୃହରେ ସୋମବାର ଦିନ ଓଡ଼ିଆ ପକ୍ଷ ଦିବସ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ବରିଷ୍ଠ କ୍ଷୟୀ ଅସିତ୍ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଦେବଶ୍ମିତା ଶତପଥୀ,ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁ, କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନଳିନୀ ପାଣିଗ୍ରହୀ, ବରିଷ୍ଠ ସାମ୍ବାଦିକ ଅଣୁଣ କୁମାର ଷଡଙ୍ଗୀ, ସରପଂଚ ତ୍ରିଶିଳା ପ୍ରଧାନ, ବଳି ମଲ୍ଲିକ, ଅନିଲ ପଟ୍ଟନାୟକ ପ୍ରମୁଖ ମଂଚାସିନ ହୋଇ ସମସ୍ତେ କିପରି ଓଡ଼ିଶା ଭାଷାକୁ ଭଲ ପାଇବା ସହ ଓଡ଼ିଆ ଖାଦ୍ୟକୁ ଭଲ ପାଇବା ସେ ଉପରେ ମତବ୍ୟକ୍ତ କରିଥିଲେ । ବର୍ତମାନ ପରିସ୍ଥିତିରେ ରାଜ୍ୟ ସରକାର କିପରି ପ୍ରତ୍ୟେକ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ରେ ଓଡ଼ିଆ ଭାଷା ରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ ସେ ଉପରେ ଅବଗତ କରାଯାଇଥିଲା । ଏହି ଅବସରରେ ଚିଡିନ୍ନ କାର୍ଯ୍ୟାଳୟର ଅଧିକାରୀ, ବ୍ଲକ୍ ଓ ବିଜ୍ଞାପିତ ଅଂଚଳ ପରିଷଦର ଅଧିକାରୀ ଓ କାର୍ଯ୍ୟନିର୍ବାହକ, ସରପଂଚ,ସମିତିସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

ସରକାରଙ୍କ ସକାଳୁଆ ଅଫିସ୍‌କୁ ଖାତିରି କରୁନାହାନ୍ତି କର୍ମଚାରୀ

ଦଣ୍ଡପଲ୍ଲୀ, ୧୩/୦୪(ଆ.ପ୍ର) : ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଲୋକଙ୍କ ସୁବିଧା ପାଇଁ ସରକାର 'ସକାଳୁଆ ଅଫିସ୍' ନିୟମ ଲାଗୁ କରିଛନ୍ତି । ବିଜା ଜଂଚ ବ୍ରେକରେ ୭ଟାରୁ ୧ଟା ପର୍ଯ୍ୟନ୍ତ ଅଫିସ୍ ଚାଲିବ ବୋଲି ନିର୍ଦ୍ଦେଶ ରହିଛି । ହେଲେ ଆଜି ଅଥିଚ୍ ଷୋମବାର ଦିନ ଦଣ୍ଡପଲ୍ଲୀର ବିଭିନ୍ନ ଅଫିସ୍‌ର ଦୃଶ୍ୟ ଦେଖିଲେ ଯେ କେହି ଚିନ୍ତିତ ହୋଇ ପଡିବ । ସକାଳ ୭.୪୫ ପର୍ଯ୍ୟନ୍ତ କେବଳ ଚୌକି ଅଫିସରୁ କରିଥିଲେ । କର୍ମଚାରୀଙ୍କର ଦେଖାଦର୍ଶନ ନାହିଁ । ବହୁ ଚୌକି ଫାଙ୍କା ପଡିଥିଲା । ଲୋକେ ବିଭିନ୍ନ କାର୍ଯ୍ୟରେ ଆସି ଏଭଳି ଅବସ୍ଥା ପାଇଁ ବିରକ୍ତି ବ୍ୟକ୍ତସ୍ତା

ହେବା ବରକାର ବୋଲି ପରଷଉକୁ ପ୍ରଶ୍ନ କରି ଉତର ଖୋଜୁଥିବାର ଶୁଣିବାକୁ ମିଳୁଅଛି । ଦଣ୍ଡପଲ୍ଲୀରେ ପ୍ରଶାସନିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭଳ ପଦାଧିକାରୀମାନେ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ । ସକାଳୁଆ ଅଫିସ୍ ସମୟରେ ଯେଉଁ କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି । ଖାଲି ରେଟିନ୍‌ଟେଣ୍ଡେଣ୍ଟ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବ ବୋଲି ବିଭାଗୀୟ ନିର୍ଦ୍ଦେଶ ଥିଲେହେଁ ବହୁ ଶିକ୍ଷକ ଗାଡିମତ ୭ଟା ପରେ ମଧ୍ୟ ଛକ ମାନଙ୍କରେ ଠିଆ ହୋଇ ଲଢୁଥିବାର ଦେଖିବାକୁ ମିଳୁଛି ।

ସିଦ୍ଧ ବାରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଓ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ଜଗତସିଂହପୁର, ୧୩/୦୪(ଆ.ପ୍ର) : ପ୍ରଳୀୟ ପୁନଙ୍କ ସ୍ଥିତ ସିଦ୍ଧ ବାରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଓ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ପୁଷ୍ପାରାଣୀ ସାହୁ, ଶ୍ରୀୟା ବିଶ୍ୱାଳ, ପ୍ରୀତି ପ୍ରିୟଦର୍ଶିନୀ ସେଠୀ, ମାନବ ଦାସ, ସଚାୟୁ ସାଖର ଦାସ, ପ୍ରତ୍ୟୁଷ ଆଦର୍ଶ, ପ୍ରତିକ୍ଷା ଆଦର୍ଶ, ସତ୍ୟ ସ୍ୱରୂପ ଦାସ, ଶିବୁ ସେଠୀ, ଆଶୁତୋଷ ମିଶ୍ର, ମମତା ପ୍ରିୟଦର୍ଶିନୀ, ଅଙ୍କିତା ସ୍ୱାଇଁ, ବର୍ଷା ପ୍ରିୟଦର୍ଶିନୀ ମୁଦୁଲି, ସୌମ୍ୟାଶ୍ରୀ ବେହେରା, ନୟନ ମିଶ୍ରା, ଇଦିତ୍ ନାରାୟଣ ମହାପାତ୍ର ପ୍ରମୁଖ ରକ୍ତଦାନ କରି ମହାନ୍ ପର୍ଦ୍ଦରେ ନିଜକୁ ସାମିଲ୍ କରିଥିଲେ । ଅନ୍ୟପକ୍ଷରେ, ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଅମୀୟ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ଇଂରାଜୀ ଅଧ୍ୟାପକ ଦେବଦତ ବେହେରା ଗୋଟିଏ ବହିର ମହତ୍ୱ ଓ ବହିଟିଏ ଆମ ଜୀବନକୁ କିପରି ପ୍ରଭାବିତ କରେ

ଏହା ଉପରେ ପିଲାମାନଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସଭାପତି ପିଲାମାନଙ୍କୁ ସରକାରଙ୍କର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ ପିଲାମାନେ ବହି କିଣିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ନୂଆପଡା କୁରେଶ୍ୱର ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା ଆଉ ବିଭିନ୍ନ କାର୍ଯ୍ୟକ୍ରମ ହେଲା

ନୂଆପଡା, ୧୩/୦୪(ଆ.ପ୍ର) : ନୂଆପଡା ଜିଲ୍ଲା କୋମନା ବ୍ଲକ ଭିତରେ କୁରେଶ୍ୱର ଗ୍ରାମ ପଂଚାୟତର ଉଦ୍ୟାନବନ୍ଧ ଠାନେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଗୋଟେ ସଚେତନତା ଶିବିର ହେଲାଥିଲା । ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଡୁଆ, ଉପ ଜିଲ୍ଲାପାଳ ସୁମି ସୋରେନ, ସିଡିଏମଓ ଡାକ୍ତର ଧନେଶ୍ୱର ସେଠୀ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମାର, ବିଡିଓ ପତିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ ଆଉ ସ୍ଥାନୀୟ ସରପଂଚ ସତ୍ୟନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସବୁ ଅତିଥି, ଅଧିକାରୀ ଆଉ ଉପସ୍ଥିତ ଲୋକମାନଙ୍କୁ ସ୍ୱାଗତ କରି ସଭାକୁ ଚାଲାଇଥିଲେ । ବିଭିନ୍ନ ବିଭାଗର

ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ ଆଉ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଜଣାଇଥିଲେ । ଏହି ଅବସରରେ "ଝିଅ ପାଇଁ ଗଛଟିଏ" ଆଉ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ହେଲାଥିଲା । ଜିଲ୍ଲାପାଳ ନବଜାତ କନ୍ୟା ଶିଶୁ ଗାୟତ୍ରୀଙ୍କୁ କୋଳରେ ଧରି ତାର ଭଲ ଭବିଷ୍ୟତ ପାଇଁ ଆଶୀର୍ବାଦ କରିଥିଲେ ଆଉ ତାର ମାବାପାଙ୍କୁ ଉପହାର ସହ ଗଛ ବାଗ ଦେଇଥିଲେ । ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ, ଫଳମୂଳ ଆଉ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ପିଲା କଳାକାରମାନଙ୍କର ନୃତ୍ୟ ମାଧ୍ୟମରେ ପ୍ରବାସୀ ଶ୍ରମିକ ନିରାକରଣ ଆଉ ସରକାରୀ ଯୋଜନା ବିଷୟରେ ସଚେତନତା କରାଯାଇଥିଲା । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲାରେ ବହୁତ ଲାମ ଆଉ ଲୋକଙ୍କ ଉପକାର ପାଇଁ ଯୋଜନା ଅଛି । ଗାଁର ଲୋକମାନେ ବାହାରକୁ ପ୍ରବାସୀ ଶ୍ରମିକ ଭାବେ ନଯାଇ ନିଜ ଏଠିରେ ମିଳୁଥିବା ସୁଯୋଗକୁ ଲାଭ ନେବାକୁ କହିଥିଲେ । ସେ ଆଉ କହିଥିଲେ ଛୋଟ ପିଲାମାନଙ୍କୁ କାମକୁ ନଲଗାଇ ସ୍କୁଲକୁ ପଠାଇବାକୁ ଆଉ ଗାଁକୁ ସୁଖିକ ସୁଖ ଉଖିବାକୁ । ସେ ଆଉ କହିଥିଲେ ଯେ "ମା", "ମାତୃଭାଷା" ଆଉ "ମାତୃଭୂମି" ଭେବେ ଭୁଲିବା ନାହିଁ । ବଳାଳ ମାନଙ୍କ ଠାରୁ ଦୂରେ ରହି ସିଧା ବିଭାଗ ସହ ଯୋଗାଯୋଗ କରି ସରକାରୀ ଯୋଜନାର ଲାଭ ନେବାକୁ କହିଥିଲେ । ଏହି ଅବସରରେ ମନରେଗାରେ ୧୦୦ ଦିନ ଉପରେ କାମ କରିଥିବା ଶ୍ରମିକମାନଙ୍କୁ ସମ୍ମାନ ଦିଆଯାଇଥିଲା । ଶ୍ରମ ବିଭାଗ ପକ୍ଷରୁ ରେଖାରାମ ଅଜିର ଆଉ ପୃଥ୍ୱୀମା ମାଝିଙ୍କୁ ୫୦ ହଜାର କରି ବିବାହ ସହାୟତା ଦିଆଯାଇଥିଲା । ଚନ୍ଦ୍ର କୁମ୍ଭାର, କଳାପଦ ସାଗରିଆ ଆଉ ପ୍ରଫୁଲ୍ଲ ମଲ୍ଲିକଙ୍କୁ "ସ୍ୱଚ୍ଛତା ଦୂତ" ସମ୍ମାନରେ ସମ୍ମାନିତ କରାଯାଇଥିଲା । "ପକ୍ଷୀ ପାଇଁ ଦିନଟିଏ" କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ପାଣି ଆଉ ରହିବା ବ୍ୟବସ୍ଥା କରାଯାଇଥିଲା । ଶେଷରେ ଜିଲ୍ଲାପାଳ ଆଉ ଅନ୍ୟ ଅଧିକାରୀମାନେ ପ୍ରବାସୀ ଶ୍ରମିକ ଜଳଛତ୍ର ବେହେରାଙ୍କ ଘରକୁ ଯାଇ ତାଙ୍କ ପରିବାର ସହ କଥା ହେଲେ ଆଉ ସରକାରୀ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଲେ । ଏହି କାର୍ଯ୍ୟକ୍ରମକୁ କୋମନା ବିଡିଓ, ତହସିଲଦାର, ପଂଚାୟତିରାଜ ବିଭାଗ ଆଉ ଜଙ୍ଗଲ ବିଭାଗ ମିଶିକି ଆୟୋଜନ କରିଥିଲେ ।

ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'

ନବରଙ୍ଗପୁର, ୧୩/୦୪(ଆ.ପ୍ର) : ଆଜି ଜିଲ୍ଲା ପ୍ରଶାସନ ତରଫରୁ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମ ରୁଚି ଆମ ଖାଦ୍ୟ' ଦେଣ୍ଡ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ପକ୍ଷର ୧୩ତମ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୩୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ହାତରେ ପ୍ରସ୍ତୁତ ପାରମ୍ପରିକ ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ । ବିଶେଷ କରି ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସ୍ୱାଦୁକର ଖାଦ୍ୟ ସହିତ ଆମଟ, ଗୁଡ଼ ପିଠା, ମାଣ୍ଡିଆ ପିଠା, ଅଣ୍ଟା ଲାଲରା, ପୋଡ଼ ପିଠା, ଝୁଣ୍ଟା ଖିରି, କୋଳଥ ଡାଲି, ଶୁଖୁଆ ମାଛ ଭଜା, ମାଣ୍ଡିଆ ସେଉ, ଶାଗ ରୁଟି, ମାଣ୍ଡିଆ ତମ୍ବା, ପକୋଡ଼ି, ରଖା ପିଠା, ସୁଜି ପିଠା, ଆରିସା ପିଠା, ବିରି ପିଠା, ମାଣ୍ଡିଆ ଜଦଲି, ମାଣ୍ଡିଆ ଚମ୍ବା, ଗୋଟା ମୁଗ ପକୋଡ଼ି, କୁନ୍ଦୁରି ଆଳୁ ଭଜା, ଆମ ଚଟନି, କାଇ ଜଦା ତରକାରୀ, କୋଳଥ ଝିଙ୍ଗା ତରକାରୀ, ମାଣ୍ଡିଆ ସେଉ, ଦହିତରା, ସୁଜି କାଜରା, ମାଣ୍ଡିଆ କେକ୍, ମୁଗଡ଼ାଲ କାନ୍ତି, ମଟର ଡଣ୍ଡା ତରକାରୀ, କଦଳୀ ମଳା ଭାଜା, ଲାଉ ସବୁଜା, ବଡ଼ି ପଖାଳ, ପୋଡ଼ ଚିଙ୍ଗୁଡ଼ି ଭାଜା, ମାଟି ହାଣ୍ଡି ଦେଶୀ ଚିକେନ, ଗାରି ସୁପ, ଗାରି ଭାଜୁଆ,

ଗାରି ପାଚୁଆ ଓ ମାଣ୍ଡିଆ ଲଡୁ ଭଳି ଲୋକଳୀୟ ଖାଦ୍ୟ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଥିଲା । ଏହି ଅବସରରେ ନବରଙ୍ଗପୁର ବିଧାୟକ ଓଥ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଲଘାଳିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ଙ୍କସ୍କୃତି ସହାୟକ ଆମ୍ବୁ ପ୍ରକାଶ ସାହୁ ଓ ଏ ସନ୍ତୋଷ କୁମାରଙ୍କ ସହଯୋଗରେ ଏହି ସଫଳ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚଢେଇ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରର ବାର୍ଷିକ ଉତ୍ସବ

ନିମାପଡା, ୧୩/୦୪(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ତମ୍ପାଳ ପଂଚାୟତର ଚଢେଇ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ସମ୍ପିତା ଖଟୋଇ, ମୁଖ୍ୟ ବକ୍ତା ଭାବେ ନିମାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ଯୁନିଅନର ସମ୍ପାଦକ ଜୟ୍ୟାଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଂଚ ଅକ୍ଷୟ କୁମାର ପଡ଼ିଆରୀ, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ରଞ୍ଜ, ପ୍ରଧାନ ଶିକ୍ଷକ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ପଡିଆ ପଂଚଶାଖା ଶିକ୍ଷାସେତୁର ସଭାପତି ନଳିନୀ କାନ୍ତ ପଡ଼ିଆରୀ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ବାର୍ଷିକ ଉତ୍ସବ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୁଣା ଜଗ ଖଟୋଇ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଅକ୍ଷୟ କୁମାର ସିଠ ମଂଚ ପରିଚାଳନା କରିଥିଲେ । ଏହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଚ୍ଚ ସ୍ତରୀୟ ଶିକ୍ଷା କରି ଭଲ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି ମୁଖ୍ୟ ଅତିଥି କରିଥିବା ବେଳେ ଉକ୍ତ ଶିକ୍ଷା ଅନୁଷ୍ଠାନ ର ଶିକ୍ଷା ଅତି ଉଚ୍ଚ ସ୍ତରୀୟ ବୋଲି ମଂଚଆସିନ ଅତିଥି କହିଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ଅନୁପମା ସେଠୀ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଧାନ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଯାଜପୁର ଜିଲ୍ଲା ତଥା ରାଜ୍ୟର କିଛିଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗକୁ ନେଇ କାଳିମେଘା ଠାରେ ଏକ ଗୁପ୍ତ ବୈଠକ



ଯାଜପୁର, ୧୩/୦୪(ଆ.ପ୍ର) : ଆଜି ଯାଜପୁର ସହରର କାଳୀମେଘା ଠାରେ ଥିବା ରବି ଦାସ ଙ୍କ ଫାର୍ମହାଉସ ଠାରେ ଥିବା ଘରେ ଏକାଠି ହୋଇଥିଲେ ବିରୋଧ ଦଳର ତିନି ବିଧାୟକ । ବିଜୁଲାପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ଓ ବରା ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ । ଆଉ ସେମାନଙ୍କ ସହ ସାମିଲ ଥିଲେ ପୂର୍ବତନ ସାଂସଦ ଶମିତା ସେଠୀ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ନେତା । ନିକଟରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ପ୍ରସଙ୍ଗ ଉଠାଇବା ସହ ଜିଲ୍ଲା ତଥା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା କହିଛନ୍ତି ପ୍ରମିଳା । ରାଜ୍ୟରେ ବର୍ତମାନ ଅରାଜକତା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅପିସର ରାଜ ଚାଲିଛି । ଚାଷୀଙ୍କ ଧାନ ଉପରେ ପଡ଼ିଥିବା ବେଳେ ସରକାର ସେମାନଙ୍କ ଦାବି ପୂରଣ କରୁନଥିବାରୁ ଚାଷୀ ମାନେ ଆନ୍ଦୋଳନ କରିଛନ୍ତି । ଏହି ପରି ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା ବୋଲି ବିରୋଧୀ ଦଳ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ।

ଦଶପଲ୍ଲା ସହରରେ ଜଳଛତ୍ର ଓ 'ମୋ ଖତ' କିଓସ୍କ ଉଦ୍‌ଘାଟିତ

ଦଶପଲ୍ଲା, ୧୩/୦୪(ଆ.ପ୍ର) : ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ସହରକୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ସମସ୍ୟା ଭୋଗୁଥିଲେ । ସମସ୍ୟାର ସମାଧାନ ପାଇଁ ଦଶପଲ୍ଲା ଏନ୍‌ଏସି ପକ୍ଷରୁ ବିଭିନ୍ନ ସ୍ଥାନରେ ସୋମବାର ଠାରୁ ଜଳଛତ୍ର ଖୋଲିଛି । ପ୍ରଥମ ପର୍ଯ୍ୟାୟରେ ୬ ଗୋଟି ସ୍ଥାନ ଯଥା ତ୍ରିମୁଣ୍ଡ ବଜାର, ବ୍ଲକ ସାମ୍ନା, ବୁଢ଼ୀ ବଜାର, ଏନ୍‌ଏସି କାର୍ଯ୍ୟାଳୟ



ସାମ୍ନା, ପିଜିଛିକ ଏବଂ ଅଶ୍ରବଲୋଟ ଛକ ଠାରେ ପାନୀୟ ଜଳ ଯୋଗାଣ କେନ୍ଦ୍ରର ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଅଧକ୍ଷା ସୁନମ ପ୍ରିୟଦର୍ଶିନୀ, କାଉନସିଲର , କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ଗାଈ ମନ୍ଦାନ ଠାରେ ମୋ ଖତ କିଓସ୍କର ମଧ୍ୟ ଶୁଭାରମ୍ଭ ହୋ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପାରଳାଖେମୁଣ୍ଡରେ ବାଲୁଙ୍କେଶ୍ୱର ମାଁ ଶ୍ୟାମା ଦଣ୍ଡକାଳୀ ଯାତ୍ରା

ପାରଳାଖେମୁଣ୍ଡି, ୧୩/୦୪(ଆ.ପ୍ର) : ପାରଳାଖେମୁଣ୍ଡି ଠାରେ ଏପ୍ରିଲ ୨ ତାରିଖ ଠାରୁ ଆରମ୍ଭ ହୋଇ ଥିବା ଧର୍ମୀୟ ଭାବନାର ବିଶ୍ୱାସ ସହିତ ସଙ୍ଗୀତ, ନୃତ୍ୟ, ସାଧନା ଓ ଆରାଧନା ସମ୍ମୁଖରେ ମାଁ ଶ୍ୟାମାକାଳୀଙ୍କ ଦଣ୍ଡନାଚ ପର୍ବ । ଏହି ଦଣ୍ଡ ନାଚ ପର୍ବ ସହିତ ଲୋକଙ୍କ ଧର୍ମୀୟ ଭାବାବେଗ ସହିତ ବିଶ୍ୱାସ ନିହିତ ଭାବେ ଜଡିତ ଥିବା ଯୋଗୁଁ ଦଣ୍ଡନାଚ ପର୍ବ ପାଇଁ ସମଗ୍ର ପାରଳା ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପରିଲକ୍ଷିତ ହେବା ସହ ସମଗ୍ର ସହର ତନଟଂତଚ । ଲୋକ ତାଙ୍କ ସରଳ ଜୀବନ ଯାପନ ଶୈଳୀକୁ ଭଣ୍ଡାରକ୍ଷ ସମ୍ପୃଖରେ ଉପସ୍ଥାପନା କରିବା ହେଉଛି ଦଣ୍ଡନାଚର ବିଶେଷତ୍ୱ । ସେଥିପାଇଁ ପରମ୍ପରା ଓ ସଂସ୍କୃତିକୁ ମାଧ୍ୟମ କରି ଏକ ମାନବୀୟ ବେଷ୍ଟ କରାଯାଇଥାଏ । ଯାହାକି ଭଣ୍ଡାରକ୍ଷ ମୋକ୍ଷ ପ୍ରାପ୍ତି ପାଇଁ ବିଭିନ୍ନ ମାର୍ଗ ଓ ଯୋଗ ଆରାଧନା ମାଧ୍ୟମରେ ନିଜ ଶରୀରକୁ କଷ୍ଟ ଦେଇଥାନ୍ତି । ଏହି ଆରାଧନାକୁ ହଟଯୋଗ କୁହାଯାଏ ଏବଂ ଏହା ହିଁ ହେଉଛି ଦଣ୍ଡନାଚ ଯାତ୍ରା । ଚୈତ୍ରମାସ ମେରୁ ସଂକ୍ରାନ୍ତିର ଠିକ୍ ୧୩ ଦିନ ପୂର୍ବରୁ ଏହି ଦଣ୍ଡ ନାଚ ଯାତ୍ରା ଆରମ୍ଭ ହୋଇ ମେରୁ ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ଶେଷ

ହୋଇଥାଏ । କିଛି ମାନସିକ ଧାରୀ ମଧ୍ୟ ନିଜେ ଏହି ଦଣ୍ଡ ଯାତ୍ରାରେ ସାମିଲ ହୋଇଥାନ୍ତି । ଏମାନଙ୍କୁ ଭୁଷିପୃଷ୍ଠ କୁହାଯାଇଥାଏ । ଦଣ୍ଡ ଯାତ୍ରା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦଣ୍ଡିଆ ମାନେ ନିରଳସ ଜୀବନ ଯାପନ କରିଥାନ୍ତି । ଏହି ୧୩ ଦିନ ସମୟ ମଧ୍ୟରେ ଦେଶ୍ ଉତ୍କଣ୍ଠା ପରିଲକ୍ଷିତ ହେବା ସହ ସମଗ୍ର ସହର ତନଟଂତଚ । ଲୋକ ତାଙ୍କ ସରଳ ଜୀବନ ଯାପନ ଶୈଳୀକୁ ଭଣ୍ଡାରକ୍ଷ ସମ୍ମୁଖରେ ଉପସ୍ଥାପନା କରିବା ହେଉଛି ଦଣ୍ଡନାଚର ବିଶେଷତ୍ୱ । ସେଥିପାଇଁ ପରମ୍ପରା ଓ ସଂସ୍କୃତିକୁ ମାଧ୍ୟମ କରି ଏକ ମାନବୀୟ ବେଷ୍ଟ କରାଯାଇଥାଏ । ଯାହାକି ଭଣ୍ଡାରକ୍ଷ ମୋକ୍ଷ ପ୍ରାପ୍ତି ପାଇଁ ବିଭିନ୍ନ ମାର୍ଗ ଓ ଯୋଗ ଆରାଧନା ମାଧ୍ୟମରେ ନିଜ ଶରୀରକୁ କଷ୍ଟ ଦେଇଥାନ୍ତି । ଏହି ଆରାଧନାକୁ ହଟଯୋଗ କୁହାଯାଏ ଏବଂ ଏହା ହିଁ ହେଉଛି ଦଣ୍ଡନାଚ ଯାତ୍ରା । ଚୈତ୍ରମାସ ମେରୁ ସଂକ୍ରାନ୍ତିର ଠିକ୍ ୧୩ ଦିନ ପୂର୍ବରୁ ଏହି ଦଣ୍ଡ ନାଚ ଯାତ୍ରା ଆରମ୍ଭ ହୋଇ ମେରୁ ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ଶେଷ ହୋଇଥାଏ । ଏହି ଦିନ ଯାତ୍ରାରେ ଭୁଷିପୃଷ୍ଠ କୁହାଯାଇଥାଏ । ଏମାନଙ୍କୁ ଭୁଷିପୃଷ୍ଠ ହେବା ପର୍ଯ୍ୟନ୍ତ ଦଣ୍ଡିଆ ମାନେ ନିରଳସ ଜୀବନ ଯାପନ କରିଥାନ୍ତି । ଏହି ୧୩ ଦିନ ସମୟ ମଧ୍ୟରେ ଦଣ୍ଡୁଆ ମାନେ ରାଜସିକ ଓ ତାମସିକ ଖାଦ୍ୟ ଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରହି ସାତ୍ୱିକ ଭୋଜନ ଗ୍ରହଣ କରିଥାନ୍ତି । ଦଣ୍ଡୁଆ ଦଳର ନେତୃତ୍ୱ ନେଇଥିବା ବ୍ୟକ୍ତିଙ୍କୁ ପାଟରୋଲ୍ଲା ବା ପାଟ ଦଣ୍ଡୁଆ କୁହାଯାଇଥାଏ । ଏହି ପାଟ ରୋଲ୍ଲା ଏହି ୧୩ ଦିନ କେବଳ ଫଳ ଓ ଦୁଗ୍ଧ ଆଧାର କରି ନିଷ୍ଠାର ସହ ଅନ୍ୟ ଦଣ୍ଡୁଆ ମାନଙ୍କୁ ପରିଚାଳନା କରିଥାନ୍ତି । ପ୍ରଥମ ଦିନରୁ ହିଁ ରୋଲ୍ଲା ଭୁଷିପୃଷ୍ଠ ମାନଙ୍କ ପୋଷାକରେ ସ୍ନାନ କରାଯିବା ପରେ ମନ୍ତ୍ରପୂତି କରାଯାଇ ପରେ ଆରମ୍ଭ ହୋଇଥାଏ ଧୂଳିଦଣ୍ଡ । ଏହି ଧୂଳିଦଣ୍ଡ କାର୍ଯ୍ୟକ୍ରମରେ ଦଣ୍ଡୁଆ କାଠକୁ କାଠ ଗଷି ସେଥିରୁ ନିଆଁ ବାହାର କରି ପାଳରେ ନିର୍ମିତ ଚମ୍ପାବରରେ ଅଗ୍ନିରେ ସଂଯୋଗ କରାଯିବା ପରେ ପରେ ଏହି ଠାରୁ ହିଁ ଦଣ୍ଡ ଯାତ୍ରାର ଶୁଭାରମ୍ଭ ହୋଇଥାଏ । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପାଟ ଦଣ୍ଡୁଆଙ୍କ ନେତୃତ୍ୱରେ ଦଣ୍ଡୁଆ ଭୁଷିପୃଷ୍ଠ ମାନେ ସଙ୍ଗରେ ପରିବା ଗୁପରେ ମାଁ କାଳୀ, ଚମ୍ପାବର ଅଗ୍ନିରୁପରେ ଶିବଙ୍କୁ ଧରିଥିବା ବେଳେ ଏହି ଦଣ୍ଡୁଆ ଅନ୍ୟ ମାନଙ୍କ ଦଣ୍ଡୁଆ ଘରେ ପଚାରା, ଫିଙ୍ଗବାଡି, ଭୋଲ , ଝାଞ୍ଜ ଓ ବୁଢା ଥାଏ ଗଂଟ ବାଦ୍ୟ ବାଜେନାରେ ଏହି ଦଣ୍ଡୁଆମାନେ ସହରର ଗଳିଇଆଁ ବୁଲିବା ପରେ ମାନସିକ ଧାରୀଙ୍କ ଘର ସମ୍ମୁଖରେ ପହଂଚି ସେଠାରେ ବେଦୀ ସ୍ଥାପନା କରି ସଂଜଳ ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନର ପ୍ରଚଣ୍ଡ ଖରାରେ ଆରମ୍ଭ ହୋଇଥାଏ ଧୂଳିଦଣ୍ଡ । ଏହି ଧୂଳିଦଣ୍ଡ କାର୍ଯ୍ୟକ୍ରମରେ ଦଣ୍ଡୁଆ ମାନେ ଗଂଟ ବାଦ୍ୟର ତାଳେତାଳେ ପ୍ରଚଣ୍ଡ ଖରାରେ ହଳଦୀ ପେଡା , ମାଁ ଙ୍କ ପାଇଁ ପାଣ୍ଡୋଳ୍ଲା ବୁଣ୍ଡିବା , କୁଅ ଖୋଳିବା , ଦେବୀଙ୍କ ମନ୍ଦିର ନିର୍ମାଣ , ଜମିରେ ହଳ ଜଙ୍ଗଳ ବୁଲାଇ ଚାଷ କରିବା ପ୍ରଭୃତି କାର୍ଯ୍ୟକୁ ଅଭିନୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଏଥି ସହିତ ଜଂଗ ଓ ପଟ୍ଟା ଦଣ୍ଡ ମଧ୍ୟ କରାଯାଇଥାଏ । ଏହି ସମୟ ମଧ୍ୟରେ ଅତୀତରେ ପ୍ରଚଳିତ ଲୋକଗୀତ ଓ ବୋଗତମାଳିକୁ ପରିବେଷଣ କରିଥାନ୍ତି । ପ୍ରତିବର୍ଷ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ନିକଟସ୍ଥ ଗ୍ରାମାଂଚଳର ହଜାର ହଜାର ସଂଖ୍ୟାରେ ଅଗଣିତ ଶ୍ରଦ୍ଧାଳୁ ମାନସିକଧାରୀ ବର୍ଣ୍ଣକ , ସଂସ୍କୃତି ପ୍ରେମୀ କଳାକାର ମାନେ ଏଥିରେ ସାମିଲ ହୋଇଥାନ୍ତି । ଏହି ପର୍ବ ନିଜର ଭୁଷ୍ଟ ସୌଖିନ ଜୀବନଯାପନ ଠାରୁ ନିଆରା ଭାବେ ଶରୀରକୁ କଷ୍ଟ ଦେଇ ଏକ ଭଣ୍ଡାରକ୍ଷ ଆନନ୍ଦ ପାଇବା ପାଇଁ ପ୍ରେରଣା ଦେଇଥାଏ । ଏମିତିକି ଗୋଳ ବାଦ୍ୟ ଗଂଟ ମଝୁରାର ତାଳେ ତାଳେ ଶ୍ରଦ୍ଧାଳୁ ମହିଳା ମାନଙ୍କ ହୁଳହୁଳିରେ ସାଦିବସ୍ତି କମ୍ପି ଉଠିଥାଏ । ଧୂଳି ଦଣ୍ଡ ପରେ ଆରମ୍ଭ ହୋଇଥାଏ ପାଣିଦଣ୍ଡ ଯେଉଁଥି ପାଣି ଭିତରେ ଦଣ୍ଡୁଆ ମାନେ ମୁଣ୍ଡ ପର୍ଯ୍ୟନ୍ତ ବୁଡି ରହି ପାଣି ଭିତରେ ଚାଲି ଆଣି ସେଥିରେ ଶିବଲିଙ୍ଗ ନିର୍ମାଣ କରି ବୁଡରେ ପୂଜାର୍ଚ୍ଚନା କରିଥାନ୍ତି । ସେଠାରେ ଚମ୍ପା ବରରୁ ଅଗ୍ନି ସଂଯୋଗ କରି ସେଥିରେ ଖୁଣ୍ଟ ପକାଇ ଦେବୀଙ୍କ ଆରାଧନା କରାଯାଇ ଅଗ୍ନି ପୂଜା ଆଚରଣ ଖେଳ ହୋଇଥାଏ ।

ଜାତୀୟ ରଗବୀ ମଂଚରେ ଓଡ଼ିଶା ଦଳର ଦୀପ୍ତିମାନ ତାରକା ଜୀବା ସରକାରୀ ଉଚ୍ଚ ବିଦ୍ୟାଳୟର ଚମ୍ପିୟନ୍ ଖେଳାଳି ଚିନ୍ମୟ ଶବରଙ୍କୁ ସମ୍ବର୍ଦ୍ଧନା ଉତ୍ସବ

ପାରଳାଖେମୁଣ୍ଡି, ୧୩/୦୪(ଆ.ପ୍ର) : ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମର ପବିତ୍ର କ୍ରୀଡ଼ାଭୂମିରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚମ୍ପିଅନସିପ୍ ୨ରେ ବଡ଼ବ ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ ଓଡ଼ିଶା ଦଳ ଶ୍ରେଷ୍ଠ ପ୍ରତିଭା ଓ ସମନ୍ୱୟର ଅପୂର୍ବ ଦୃଷ୍ଟାନ୍ତ ପ୍ରଦାନ କରି ଚମ୍ପିଅନସିପ୍ ଟ୍ରେରେ ବିଜୟ ହାସଲ କରିଛି । ଏହି ଗୌରବମୟ ଲକ୍ଷ୍ୟଯାତ୍ରାରେ ଗଞ୍ଜପଟି ଜିଲ୍ଲା ଗୁଣ୍ଡା ବ୍ଲକ ଅନ୍ତର୍ଗତ ଜୀବା, ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଚିନ୍ମୟ ଶବରଙ୍କ ସ୍ଥାନ ବିଶେଷ ଉଲ୍ଲେଖନୀୟ । ବାର ଲଢିଆ ଓଡ଼ିଶା ଦଳରେ ସେ ନିଜର ଦକ୍ଷତା, ସାହସ ଓ ଖେଳ କୌଶଳରେ ଏକ ଦୃଢ଼ ସ୍ତମ୍ଭର ଭୂମିକା ଗ୍ରହଣ କରିଥିଲେ । ଅଧିନାୟକ ଗୋପି ମାଝିଙ୍କ ନେତୃତ୍ୱରେ ଦଳଟି ଯେପରି ଅଦମ୍ୟ ଆତ୍ମବିଶ୍ୱାସରେ ପଡ଼ିଆରେ ଲଗାତର ବିଜୟ ହାସଲ କରିଛି, ତାହା ଦର୍ଶକଙ୍କୁ ବିମୋହିତ କରିଥିଲା । ରାଉ ସପ୍ତାହରେ ଆୟୋଜିତ ଲିଗ୍ ପର୍ଯ୍ୟାୟରେ ମଧ୍ୟପ୍ରଦେଶ, ଜମ୍ମୁ ଓ କାଶ୍ମୀର ଏବଂ ଦିଲ୍ଲୀ ପରି ଶକ୍ତିଶାଳୀ ଦଳଗୁଡ଼ିକୁ ପରାସ୍ତ କରି ଓଡ଼ିଶା ଆଗକୁ ବଢ଼ିଥିଲା । କ୍ୱାର୍ଟର ଫାଇନାଲରେ ପଞ୍ଜାବ, ସେମିଫାଇନାଲରେ ମହାରାଷ୍ଟ୍ରକୁ ପରାସ୍ତ କରି ଦଳଟି ଫାଇନାଲକୁ ପ୍ରବେଶ କରିଥିଲା । ଶେଷ ମଞ୍ଚରେ ବିହାର ଦଳକୁ ୫–୦ରେ ପରାସ୍ତ କରି ଓଡ଼ିଶା ଦଳ ଚମ୍ପିୟନ ରୂପେ ନିଜ ଅସ୍ତିତ୍ୱକୁ ସୁଦୃଢ଼ କରିଥିଲା । ଗରିମାମୟ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ରଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜମିଶନର ତଥା ଶାସନ ସଚିବ କୃଷ୍ଣ ଏନ, ଚିତ୍ରମାଳା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍ଜରୀ, ଓଡ଼ିଶା ରଗବୀ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର , ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଓ ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଫୁଲମଣୀ ମୁର୍ମୁ ଉପସ୍ଥିତ ଥିଲେ । ସେମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ଯୁବ ଖେଳାଳିମାନଙ୍କର ଦଳୀୟ ମନୋଭାବ, ଶୃଙ୍ଖଳା ଓ ଅଦମ୍ୟ ଉତ୍ସାହକୁ ଭୂୟସୀ ପ୍ରଶଂସା କରିଥିଲେ । ବିଜୟୀ ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନ ପରେ ଜୀବା ଗ୍ରାମରେ ଗ୍ରାମପଂଚାୟତ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ, ସଦସ୍ୟା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜନ ସହ ଏହି ସଫଳତା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଖେଳ ଶିକ୍ଷକ ଶିବରାମ ଭୂୟାଁ ଏବଂ ଖେଳାଳି ଚିନ୍ମୟ ଶବରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଆଗାମୀ ଭବିଷ୍ୟତରେ ଏଭଳି ସଫଳତା ହାସଲ କରିବା ନିମନ୍ତେ ଉତ୍ସାହିତ କରିଥିଲେ । ଏହି ଶୁଭ ଅବସରରେ ଗଞ୍ଜପଟି ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ପଂଚ ଦିବସୀୟ ବାଦୀ ପାଲା ଉତ୍ସବ

ନିମାପଡା, ୧୩/୦୪(ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ରାହାଙ୍ଗଗୋରବା ପଂଚାୟତର ଖଣ୍ଡସାହି ଗ୍ରାମରେ ଅନୁଷ୍ଠିତ ପଂଚଦିବସୀୟ ବାଦପାଲା ଉତ୍ସବରେ ଗାୟକ କେଶରୀ ଶତବ ଚନ୍ଦ୍ରତ୍ରାପାଠୀ ଏବଂ ଗାୟକ ସମ୍ରାଟ ବନବିହାରୀ ଭଣ୍ଡାରୀଙ୍କ ମଧ୍ୟରେ ପାଂଚଦିନ ଧରି ବାଦି ପାଲା ଅନୁଷ୍ଠିତ ହୋଇଥିଲା । ଏହି ବାଦି ପାଲା ଉତ୍ସବ ତୃତୀୟ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ଗ୍ରାମର ପତିତପାବନ ପାଲା କମିଟିର ସଦସ୍ୟମାନେ ଏବଂ ଗ୍ରାମର ଅଧିବାସୀମାନେ ଏହାକୁ ଅତ୍ୟନ୍ତ ସରସ ସୁନ୍ଦର କରିଥିଲେ । ଗତ ୮ ତାରିଖ ଠାରୁ ୧୧.୪.୨୬ ରିଖ ପର୍ଯ୍ୟନ୍ତ ବାଦ ପାଲା ସମ୍ପାଦୋତ୍ସବ ଉତ୍ସ ଯାପନ ଦିବସରେ ଓଡ଼ିଶାର ବାଗ୍ମୀ, ସାହିତ୍ୟିକ, ଧର୍ମ ପୁରାଣ ବିଶାରଦ ତଥା ଦୂରଦର୍ଶନରେ ବାଦି ପାଲା କାର୍ଯ୍ୟକ୍ରମର ସମିଖାଙ୍କ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଉପସ୍ଥିତ ରହି ଉତ୍କଳୀୟ ଧର୍ମ ପୁରାଣ, ସାହିତ୍ୟ, ସଂସ୍କୃତି ଏବଂ ଲାଷ୍ଟ ସାହିତ୍ୟକୁ ଭୂରିମନ୍ତ ଏବଂ ଭୂରିମନ୍ତ କରିବାର ମୂଳ ଉତ୍ସ ହେଉଛି ପାଲା । ଏହା ମାଧ୍ୟମରେ ମଣିଷ ସମାଜରେ ଶାନ୍ତି, ଆନନ୍ଦ, ସାମ୍ୟବାଦ ଏବଂ ଆଧ୍ୟାତ୍ମିକ ଚେତନାର ବିକାଶ ହୁଏ ବୋଲି ପଣ୍ଡିତ ଶ୍ରୀ ତ୍ରିପାଠୀ ଅଭିଭାଷଣରେ ଉଦବୋଧନ ଦେଇଥିଲେ । ଉଦଯାପନ ଉତ୍ସବ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ପାଲା ଜଗତର ସମିଖାଙ୍କ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପ୍ରାଚୀନ ପାଲା ଗାୟକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗାୟକ କେଶରୀ ଶତବ ଚନ୍ଦ୍ର ତ୍ରିପାଠୀ, ଗାୟକ ସମ୍ରାଟ ଜନବିହାରୀ ଗୁହାଚାର୍ଯ୍ୟ, ପତିତପାବନ ପାଲା କମିଟିର ସଭାପତି ଏବଂ ସଜ୍ଜୀୟ ପାଲା କଳାକାର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲାବେଳେ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ । ପାଂଚଦିନ ବ୍ୟାପି ପାଲା ସମାରୋହକୁ ଅତ୍ୟନ୍ତ ସରସ ସୁନ୍ଦର କରିବା ଦିଗରେ କମିଟିର ସଦସ୍ୟ ଏବଂ ଗ୍ରାମବାସୀ, ଯଥା, ସୂର୍ଯ୍ୟ ରୋଳ, ସନ୍ତୋଷ କୁମାର ପରିଡା, ଦିନବନ୍ଧୁ ମହାପାତ୍ର, ଜୟିରାମ ବିଶ୍ୱକ, ଧରଣୀଧର ମହାପାତ୍ର, କୈଳାଶ ଚନ୍ଦ୍ର ଚରାଳଙ୍କ ସମେତ ସମସ୍ତ ସକ୍ରିୟ ସଦସ୍ୟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ପତିତପାବନ ପାଲା ମଂଚ ଖଣ୍ଡସାହି, ବାଙ୍କର ଏହି ଭବ୍ୟମୟ ବହୁଗୁଣିତ କରି ସମଗ୍ର ପୁରୀ ଜିଲ୍ଲାରେ ତଥା ଓଡିଶାରେ ପାଲା ସଂସ୍କୃତିକୁ ଆହୁରି ବଳିଷ୍ଠ ପ୍ରଗର ପ୍ରସାର ପାଇଁ ଅନବରତ ଏହି ଉଦ୍ୟମ ପାଇଁ ସଙ୍କଳ୍ପ ନେଇଥିଲେ ।

ଅହିରାଜ ସାପ ଉଦ୍ଧାର

ପାଟପୁର, ୧୩/୦୪(ଆ.ପ୍ର) : ସାମଣ୍ଟିଆ ପଲ୍ଲୀ ବନାଂଚଳ ଅନ୍ତର୍ଗତ ଜରଡ଼ା ଖଣ୍ଡିଆ ସାହି ସ୍ଥିତ ଘର ଗରିବୁ ଉଦିବାର ମଧ୍ୟରାତ୍ର ଏକ ବିରାଟ ଅହିରାଜ ସାପ ରହିଥିବା ବେଳେ ଲୋକଙ୍କ କଳାରୁ ଆସିଥିଲା । ଏହି ସାପକୁ ଉଦ୍ଧାର କରିବା ପାଇଁ ବିଜିଟି ସ୍ନେକ୍ ହେଲ୍ପ ଲାଇନକୁ ଗ୍ରାମବାସୀ ଖବର ଦେଇଥିଲେ । ଖବର ପାଇ ବିଜିଟି ସ୍ନେକ ହେଲ୍ପ ଲାଇନ୍ ଟିମ୍ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ଜରଡ଼ା ପହଂଚି ଦେଢ ଫୁଟ ଲମ୍ବା ବିଶିଷ୍ଟ ଅହିରାଜ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିବା ଜଣାପଡିଛି । ସେହିପରି ପାଟପୁର ବ୍ଲକ ବୁଖୁରା ସଂଚାୟତ କୃଷ୍ଣ ଚରଣ ପୁର ଠାରେ ମଧ୍ୟ ଦଶ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର ହୋଇଛି । ଜଙ୍ଗଲରେ ନିଆଁ ଲାଗୁଥିବା ଜେରୁ ଅହିରାଜ ସାପ ସହ ଅନେକ ଜଙ୍ଗଲ ଜନ୍ତୁ ଗ୍ରାମାଞ୍ଚଳମୁଖି ହେଉଥିବା ଦେଖିବାକୁ ମିଳୁଛି ।

ଭଦ୍ରକର ତୋଡଗାଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୧୩/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ତୋଡଗାଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୮୫ଟି ଅଭିଯୋଗ ପ୍ରଦତ୍ତ କରାଯାଇଥିଲା । ଏଥିରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୨୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ୍ ନିଧି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୧୫,୦୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷି ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ ।

ପୃଥକ ପୃଥକ ସ୍ଥାନରୁ ଗଂଜେଇ ଜବତ, ୪ ଗିରଫ

ଦଶପଲ୍ଲା, ୧୩/୦୪(ଆ.ପ୍ର) : ଗଂଜେଇ ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଅବକାରୀ ବିଭାଗ ଓ ପୋଲିସ ପାଇଁ ମୁଣ୍ଡ ବିଚାର କାରଣ ପାଲଟିଛି । ତେବେ କନ୍ଧମାଳ ଜିଲ୍ଲାରୁ ଭୁବନେଶ୍ୱର ତଥା ଅନ୍ୟ ସ୍ଥାନ ମାନଙ୍କୁ ବଣପାଳି ଦେଇ ଗଂଜେଇ ଚାଲାଣ ହେଉଛି । ତେବେ ନୟାଗଡ ଜିଲ୍ଲା ଅବକାରୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ତଥା ଅବକାରୀ ଉପ ଅଧୀକ୍ଷକ ପ୍ରକାଶ କୁମାର ସାଙ୍କ ତତ୍ୱାବଧାନ ରେ ଅବକାରୀ ନିରୀକ୍ଷକ ରମେଶ ଚନ୍ଦ୍ର ମହାନ୍ତି ଓ ଦଶପଲ୍ଲା ଉପ ନିରୀକ୍ଷକ ବାବଲ ସାମଲ ଓ ଅନ୍ୟ କର୍ମଚାରୀଙ୍କ ମିଳିତ ଭାବେ ବଡ଼ଗାଡ ଜରି ବନ୍ଧମାଳ ଜିଲ୍ଲା ପିଟିଜିଆ ଥାନା ଅନ୍ତର୍ଗତ ଭାରୁର ଗ୍ରାମର କୃଷି ଡିଗଲଙ୍କ ପୁତ୍ର ବାଟୁ ଡିଗଲ(୨୫)ଓ ସେହି ଗ୍ରାମର ସାଳନ ଡିଗଲଙ୍କ ପୁତ୍ର ଦିପ୍ତ ଚରଣ ଡିଗଲ ବୟସ(୨୮)କ ଠାରୁ ୬୦ କେଜି ଗଂଜେଇ ସହ ଗୋଟିଏ ମାରୁତି ଡ଼ିଜାଇର ଗାଡି ନଂ ଓ ଡି ୦୭ କି କି ୪୮୪୩ କୁ ମାଳପୁର ଛକ ଠାରୁ ଧରି ଥିବା ତେବେ ବାଣିଗୋଛା ଗ୍ରାମରେ ଜନ୍ଧମାଳ ଜିଲ୍ଲା ପିଟିଜିଆ ଥାନା ଅନ୍ତର୍ଗତ ଜଦା ପରର ଗ୍ରାମର କିଶୋର ଡିଗଲଙ୍କ ପୁତ୍ର ପ୍ରଶାନ୍ତ ଡିଗଲ (୪୫) ଓ ମାଟୀପଡ଼ା ଗ୍ରାମର ସାମନ୍ତ ଡିଗଲ (୩୫) ଙ୍କ ଠାରୁ ୮୪ କେଜି ଗଂଜେଇ ଧରିବା ସହ ଗାଡ଼ୀ ହାଇଆର ଗାଡି ନଂ ଓ ଡି ୦୨ବି ଟି ୯୧୩୨ ଜବତ କରିବା ସହିତ ତାଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି ।

ବାଲୁଗାଁ ମହାବିଦ୍ୟାଳୟରେ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ହେଲେ ବିଷ୍ଣୁ ନାଏକ

ଉଦାମପାଟଣା, ୧୩/୦୪(ଆ.ପ୍ର) : କଳାହାଣ୍ଡି ଜିଲ୍ଲା - ଥୁଆମୂଳ ରାମପୁର ଅଧିବାସୀ ଅନୁଷ୍ଠିତ ଅଂଚଳ ଭାବେ ଜିଲ୍ଲାରେ ଦେଶ ପରିଚିତ । ଏଭଳି ଅଂଚଳରେ ଜଣେ ବ୍ୟକ୍ତି ବିଜିନ୍ ଜାତୀୟ ଅଂଚଳିକ ଦଳ ସହିତ ଟକୁର ଦେଇ ଭାରତୀୟ ଜନତା ପାର୍ଟି ପାଇଁ ଆସେଇ ଆସିଥିଲେ । ଏଥିରେ ସେ ସକ୍ରିୟ ସଦସ୍ୟ ରହିବା ସହିତ ଦଳ ପାଇଁ ସମର୍ପିତ ଭାବେ କାମ କରି ଚାଲିଲେ । ବିଷ୍ଣୁ ନାଏକ ୨୦୧୪ ମସିହାରେ ଦଳର ସକ୍ରିୟ ସଦସ୍ୟଭାବ ଗ୍ରହଣ କରିଥିବା ବେଳେ, ପୂର୍ବରୁ ବିଜେପିର କଳାହାଣ୍ଡି ଜିଲ୍ଲା ସଂପାଦକ, ଥୁଆମୂଳ ରାମପୁର କୁଳର ସାଂସଦ ପ୍ରତିନିଧି ଭାବେ ନିଷ୍ଠାପର ଭାବେ କାର୍ଯ୍ୟ କୁରାଇଥିଲେ । ଏଥି ସହିତ ନାଏକ ଟେଲିମେଟ ସଦସ୍ୟ ଥିବା ବେଳେ, ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ଅଂଚଳରେ ୫୬୦ ଟି ଜିଓ ଏବଂ ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ

କରିଥିଲେ । ସେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଥିଲେ, ରକ୍ତଦାନ ଶିବିର ଆୟୋଜନ କରୁଥିଲେ, କ୍ଷୟକ ଚଟ୍‌କଳ ପାଇଁ ସେ ସର୍ବଦା ଚେଷ୍ଟିତ ରହି ଆସୁଥିବା ଦେଖେ, ଅଂଚଳରେ ୪ ଗୋଟି କଳା ମହାବିଦ୍ୟାଳୟ ବ୍ୟବସ୍ଥା ପାଇଁ ଅପ୍ରାଣ ଉଦ୍ୟମ କରିଦାଉ ତାହା ସଫଳ ହୋଇ ପାରିଥିଲା । ବର୍ତ୍ତମାନ ବିଷ୍ଣୁ ନାଏକ ଭାରତୀୟ ଜନତା ପାର୍ଟିର ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ଭାବେ ଚୟନ ହୋଇଥିବାରୁ ଅଂଚଳରେ ଖୁସିର ଲହରୀ ଖେଳିଯାଇଥିବା ବେଳେ, ବିଜିନ୍ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି । ନାଏକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନ୍ ମୋହନ ସାମଲ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଲଧର ମଲ୍ଲିକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ, ପୂର୍ବତନ ସାଂସଦ ଦସନ୍ତ ପଣ୍ଡା, ରାଜ୍ୟସଭା ସାଂସଦ ଗୁଡ଼ିଟ୍ କୁମାର, ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରତାପ୍ତ ନାୟକ, ରାଜ୍ୟ ଉପ-ସଭାପତି ଭାଲବନ୍ତ କୁମାର ପଣ୍ଡା ସମେତ ସମସ୍ତ ବିଜେପି ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା ମାନଙ୍କୁ ବିଷ୍ଣୁ ନାଏକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସିଜିମାଳି ଘଟଣା : ଆଦିବାସୀଙ୍କୁ ନିର୍ମମ ଦମନ

ବେଆଇନ ଖଣି ଖନନ ଏବଂ ଅମାନବୀୟ ବିସ୍ଥାପନ ବିରୋଧରେ ଚାରି ବାମପନ୍ଥୀ ଦଳର ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

ଖୋର୍ଦ୍ଧା/ଭୁବନେଶ୍ୱର, ୧୩/୦୪(ଆ.ପ୍ର) : ଚାରି ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ)-ଲିବେରେସନ୍ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଏକ ୮ ଜଣିଆ ପ୍ରତିନିଧି ଦଳ ଆଜି ମାନନୀୟ ରାଜ୍ୟପାଳ ମହୋଦୟଙ୍କୁ ସାକ୍ଷାତ କରି ଲାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସୁଙ୍ଗେର ଗ୍ରାମ ପଂଚାୟତ ଅନ୍ତର୍ଗତ ଜଂଗାମାଳ ଗ୍ରାମରେ ଆଦିବାସୀଙ୍କ ଉପରେ ହୋଇଥିବା ନିର୍ମମ ପୁଲିସ୍ ଦମନ, ଦେବାନ୍ତ କଂମାନାର ସିଜିମାଳି ପାହାଡ଼ ରେ ବେଆଇନ ବକ୍ସାଇଟ୍ ଖଣି ଖନନ ପ୍ରକଳ୍ପ ଏବଂ ଅମାନବୀୟ ବିସ୍ଥାପନ ବିରୋଧରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳରେ ସିପିଆଇ ରାଜ୍ୟ ସମ୍ପାଦକ ଉଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍), ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ)-ଲିବେରେସନ ରାଜ୍ୟ ସମ୍ପାଦକ

ଯୁଧିଷ୍ଠିର ମହାପାତ୍ର ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସମେତ ସିପିଆଇର ପୂର୍ବତନ ବିଧାୟକ ଏବଂ ନାୟାୟ ରେଡ୍ଡୀ, ସି.ପି.ଆଇ(ଏମ୍)) ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ, ବଦ୍ରୀ ନାରାୟଣ ବାଣ, ସିପିଆଇ (ଏମ୍‌ଏଲ୍) ଲିବେରେସନ୍, ରାଜ୍ୟ ନେତା ମହେନ୍ଦ୍ର ପଡିଚା ଓ ଫରୱାର୍ଡ ବ୍ଲକର ରାଜ୍ୟ ନେତ୍ରୀ ଲକ୍ଷ୍ମୀ ବୋରା ପ୍ରମୁଖ ରାଜ୍ୟ ନେତୃବୃନ୍ଦ ପ୍ରତିନିଧି ଦଳରେ ଯାଇଥିଲେ । ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ପଂଚମ ଅନୁସୂଚୀ ଅଂଚଳରେ ପଂଚମ ଅନୁସୂଚୀ ପଂଚାୟତ ସମ୍ପ୍ରସାରଣ କ୍ଷେତ୍ର ଆଇନ-୧୯୯୬ ଜଙ୍ଗଲ ଅଧିକାର ଆଇନ-୨୦୦୬ ଆଇନକୁ ଉଲ୍ଲଙ୍ଘନ କରି ଦେବାନ୍ତ କଂମାନାର ଖଣି ପ୍ରକଳ୍ପ ପାଇଁ କାମ ଜାରି ରହିଛି । ଗ୍ରାମସଭା ସମ୍ମତି ବିନା ରାସ୍ତା ନିର୍ମାଣ ଓ ଖନନ କାର୍ଯ୍ୟ ଚାଲିଛି । ପରିବେଶ ମଞ୍ଜୁରୀ, ରୋଡ କ୍ଲିୟରାନ୍ସ ଏବଂ ଜଙ୍ଗଲ ଅଧିକାର କ୍ଲିୟରାନ୍ସ ସମ୍ପୂର୍ଣ୍ଣ ଭାବେ ଅନୁମତି ମିଳି ନାହିଁ । ଏପ୍ରିଲ ୭ ତାରିଖରେ ବଡି ଗୋରୁଡ଼ି ଜଂଗାମାଳ ଗ୍ରାମରେ ପୁଲିସ୍ ଲାଠିଚାର୍ଜ, ଲୁହବୁଢା ଗ୍ୟାସ୍ ଓ ବିଦ୍ୟୁତ୍ ବିଛିନ୍ନ କରି ଲୋକଙ୍କୁ ବର୍ବର ଭାବେ ଆକ୍ରମଣ କରାଯାଇଛି । ବହୁ ଆଦିବାସୀ ଆହତ ହୋଇଛନ୍ତି ଓ ଏକ ଗାଈର ମୃତ୍ୟୁ ହୋଇଛି । ମିଥ୍ୟା ମାମଲାରେ ଆନ୍ଦୋଳନକାରୀ ମାନଙ୍କୁ ଜେଲ୍ ପଠାଯାଇଛି । ମୁଖ୍ୟ ବାଡି ହେଉଛି ପୁଲିସ୍ ବମାନ, ଡ୍ରୋନ୍ ସର୍ଭେଲାନ୍ସ ଓ ଭାରତୀୟ ନ୍ୟାୟ ସଂହିତା ର ଧାରା-୧୬୩ ନିଷେଧାଦେଶ ବ୍ରୁରେ ପ୍ରତ୍ୟାହାର କରାଯାଉ, ସିଜିମାଳି ରେ ଦେଆଇନ ବକ୍ସାଇଟ୍ ଖଣି ପ୍ରକଳ୍ପ ଚାଲିବା ବାତିଲ କରାଯାଉ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଉ, ଏପ୍ରିଲ ୭ ଜଂଗାମାଳ ଘଟଣାର ତଦନ୍ତ ସ୍ଥରୀୟ, ନିରପେକ୍ଷ ତଦନ୍ତ କରାଯାଉ ଓ ଆହତଙ୍କୁ ଉନ୍ନତ ଚିକିତ୍ସା ଓ କ୍ଷତିପୂରଣ ଦିଆଯାଉ, ଆନ୍ଦୋଳନକାରୀଙ୍କ ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର ଓ ଜେଲରୁ ନିଃସର୍ତ୍ତ ମୁକ୍ତି ଦିଆଯାଉ, ପଂଚମ ଅନୁସୂଚୀ ଅଂଚଳରେ ପଂଚମ ଅନୁସୂଚୀ ଫଂଚାୟତ ସମ୍ପ୍ରସାରଣ କ୍ଷେତ୍ର ଆଇନ -୧୯୯୬ ଓ ଜଙ୍ଗଲ ଅଧିକାର ଆଇନ-୨୦୦୬, ଜମି ଅଧିଗ୍ରହଣ, ଅପସାରଣ ଏବଂ ପୁନର୍ବାସ ଆଇନ-୨୦୧୩ ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ ଓ କାର୍ଯ୍ୟକାରୀ କରାଯାଉ ଗ୍ରାମସଭାକୁ ବାତିଲ କରାଯାଉ ଏବଂ ନିରପେକ୍ଷ ଗ୍ରାମସଭା ଆୟୋଜନ କରାଯାଉ, ଫଂଚମ ଅନୁସୂଚୀ ଅନୁଯାୟୀ ଆଦିବାସୀଙ୍କ ଜଳ-ଜମି-ଜଙ୍ଗଲ-ଜୀବିକା ଓ ସାଂସ୍କୃତିକ ଅଧିକାର ସୁରକ୍ଷିତ କରାଯାଉ । କାମପଡ଼ା ପ୍ରତିନିଧି ଦଳ ମାନନୀୟ ରାଜ୍ୟପାଳଙ୍କୁ ଅନୁରୋଧ କରିଛି ଯେ ସାନ୍ଧିଧାନିକ ଦାୟିତ୍ୱ ପାଳନ କରି ଦ୍ରୁତ ହସ୍ତକ୍ଷେପ କରନ୍ତୁ ଓ ଆଦିବାସୀଙ୍କ ଅଧିକାର ରକ୍ଷା କରନ୍ତୁ । ରାଜ୍ୟପାଳ ମହୋଦୟ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଇଛି ।

ନନ୍-କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜିତ

ଯାଜପୁର, ୧୩/୦୪(ଆ.ପ୍ର) : ଯାଜପୁର ଜିଲ୍ଲାର ନନ୍-କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ଲେଖନ ଏବଂ ଗିପ୍ସେସ ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଦ୍ୱାରା ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲା ପରିଷଦ ସଭାଗୃହ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୧୧ ଏବଂ ୧୨ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଛି । ଭାରତୀୟ ନ୍ୟାୟ ସଂହିତାରେ ସଂଶୋଧନ ଏବଂ ଏହାର ପ୍ରଭାବ, ପୁରୁଣା ଓ ନୂଆ କ୍ରିମିନାଲ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ନୂଆ କ୍ରିମିନାଲ ଆଇନ, ଫରେନସିକ୍, ପବ୍ଲିକ ପ୍ରୋସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ, ନୂତନ ଆଇନରେ ପାଢ଼ିତ ଚେତ୍ରିକ ଜାମିନ ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଛି । ତାଲିମ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଳ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସପି ଶିତିକଣ୍ଠ କଳୁନଗୋ, ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଜଟେଶ୍ୱର ପଲେଇ, ପ୍ରୋସିକ୍ୟୁସନ୍ ଉପନିର୍ଦ୍ଦେଶକ ଉଜ୍ଜ୍ୱଳୀ ମହାପାତ୍ର, ଅବସରପ୍ରାପ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ପ୍ରଧାନ,ପବ୍ଲିକ ପ୍ରୋସିକ୍ୟୁଟର ମୋନାଲି ରାଉତ, ଆଡିସନାଲ ପି ପି, ବିପ୍ଳବ କୁମାର ମୁଦୁଲି, ଆଡିସନାଲ ପି ପି ସୌମ୍ୟାଶ୍ରୀ ସ୍ୱାଇଁ,ସହକାରୀ ନିର୍ଦ୍ଦେଶକ ପ୍ରତିମା ଓଝା, ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଅଧିକାରୀମାନେ ଯୋଗ ଦେଇ ତାଲିମ ନେଇଥିଲେ ।

ଉମରକୋଟ ଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୧୩/୦୪(ଆ.ପ୍ର) : ଆଜି ଲମ୍ବାଗଲୋଟ ଫଂଚାୟତ ସମିତି ସଭାଗୃହ ଗ୍ରୁହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡଭର ସାଥିପ ଶର୍ମାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦିଗନ୍ତି ନାରାୟଣ ଦରଖୁନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୧୫ଜଣ ଆବେଦନକାରୀ ନିଜର ଅଭିଯୋଗ

ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୦୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା । ଜିଲ୍ଲାପାଳ ଏହା ପରେ ପରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ରେ ଯୋଗ ଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ ।

ବଣାଇଁ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ପକ୍ଷରୁ ନୂତନ ଉପଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ବଣାଇଁ, ୧୩/୦୪(ଆ.ପ୍ର) : ଆଜି ବଣାଇଁ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ତରଫରୁ ବଣାଇଁ ରେ ନୂତନ ଭାବେ ପ୍ରଣାମରିକ କାର୍ଯ୍ୟଭାର ଗ୍ରହଣ କରିଥିବା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଅଶୋକ କୁମାର ଦାସ ଙ୍କୁ ସଂଘର ସମସ୍ତ ସଦସ୍ୟ,ସବଦ୍ୟା ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହା ସହିତ ନୂତନ ଉପଜିଲ୍ଲାପାଳଙ୍କୁ ଉପଖଣ୍ଡର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଇ ସମାଧାନ ପାଇଁ ପରକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିବା ସହିତ ବିୟୁଟେ ସଂଘ ବିଗତ ଦିନରେ କରିଥିବା ସମାଜସେବା, ଉନ୍ନତି ମୂଳକ କାର୍ଯ୍ୟ ସଂପର୍କରେ



ଅବଗତ କରାଇବା ସହିତ ସଂଘକୁ ଏତେ ଦୃଷ୍ଟ ମାଧ୍ୟମରେ ଆଗାମୀ ଦିନରେ ଜିଲ୍ଲାର ସାମାଜିକ କାର୍ଯ୍ୟକୁ ଉତ୍କୃଷ୍ଟତର କରିବା ଏବଂ ଉପଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନ ସଂଘ ପ୍ରତି ରଖିବାକୁ ଅନୁରୋଧ କରିଥିଲେ । ଏହି ସୌଜନ୍ୟମୂଳକ ସାକ୍ଷାତରେ ସଂଘର ସଭାପତି ହେମଚନ୍ଦ୍ର ପ୍ରଧାନ (ଡମରୁ), ଉପସଭାପତି ବିଦେଶୀନୀ ପଟେଲ ସଂପାଦକ ନଗେଶ ଚନ୍ଦ୍ର ପାଢ଼ୀ, ସରୋଜ ଭ୍ରମର ବାରିକ, ରାକେଶ ପ୍ରଧାନ, ବିଜୟ କୁମାର ବାଗ, ଦିନେଶ୍ୱର ଋଣା, ପ୍ରମୁଲ୍ଲ କୁମାର ସାହୁ, ମାନବ କୁମାର ପାତ୍ର, ସୁରେଶ ଦାସ, ଜୟଭାମ ପାତ୍ର, ସନ୍ତୋଷ କୁମାର ଅତୀ, ଉପସେନ ବିଶାଳ, ଆଇନ ପରାମର୍ଶଦାତା ଅରୁଣ୍ୟ କୁମାର ସାମଲ ଏବଂ ମାନସ ରଂଜନ ପତି ପ୍ରମୁଖ ଉପସ୍ଥିତ ରହିଥିଲେ ।

୧୫ ତମ ବାର୍ଷିକ ବାଇଦେଇ କ୍ରିକେଟ ମ୍ୟାଚ ଉଦ୍‌ଯାପିତ

ନିମାପଡା, ୧୩/୦୪(ଆ.ପ୍ର) : ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟା ହାତ ଜିକରସ୍ତ ମଧ୍ୟଳକ ଗ୍ରାମରେ ମା ବାଇଦେଇ କ୍ରିକେଟ କ୍ଲବର ୧୫ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟ ଖେଳ ଉଦଯାପିତ ହୋଇଯାଇଛି । ଏହି ଉଦଯାପିତ କ୍ରିକେଟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନଗରୀ ଇଂଜିନିୟରିଂ କଲେଜ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ, ସମ୍ମାନିତ ଅତିଥି ଭାବେ ଇଂଜିନିୟରରଜିତ କୁମାର ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାହ୍ନୁ ଚରଣ ସାହୁ, ପୁରୀ ଜିଲ୍ଲା ଆମ ଆଦମୀ ପାର୍ଟି ଉପ ସଭାପତି ଉଦାହୁ ନାଥ ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଖେଳ ଆରମ୍ଭ କରିଥିଲେ । ଏହି ୧୫ ତମ ବାର୍ଷିକ ଟୁର୍ଣ୍ଣାମେଂଟରେ ମଡ଼ଳ କ୍ରିକେଟ କ୍ଲବ ଜାମାକ୍ଷା ବେଳୋଳାକ ଠାରୁ ଆଗ୍ରାର କ୍ରିକେଟ କ୍ଲବ ନିଆଜି ୧ରନ ଆଗରେ ରହି ଉଦୀର୍ଣ୍ଣ ହୋଇଥିଲେ । ଉଦୀର୍ଣ୍ଣ ହୋଇଥିବା ଆଗ୍ରାର କ୍ରିକେଟ କ୍ଲବ ନିଆଜିକୁ ୩୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମଡ଼ଳ କ୍ରିକେଟ କ୍ଲବ ଜାମାକ୍ଷା ବେଳୋଳାକକୁ ୨୦ ହଜାର ଟଙ୍କା ସହିତ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କ୍ରିକେଟ ବିଦା ରାତି ଖେଳ ରେ ୮ଟି ଦଳ ମଧ୍ୟରେ ଖେଳ ଖେଳ ଅନୁଷ୍ଠିତ ହୋଇଥିଲା । ଜୁନି ବଲ୍ଲା ରାକେଶ ଲୋଚ ଡାକ ଡାକି ଯତ୍ନ ଦ୍ୱାରା ଖେଳର ସମସ୍ତ ବିଦଉଣ ପ୍ରଦାନ କରିଥିବା ଦେଖେ ସେଇ ଚନ୍ଦ୍ରଶିର, ଖୁଲେଶ କୁମାର ସାହୁ ଅମ୍ପିୟାର କରି ଜାର୍ଯ୍ୟ ତୁଲାର ଥିଲେ । ମଧ୍ୟଳକ ଗ୍ରାମର ୧୫ ତମ ବାର୍ଷିକ ମା ବାଇଦେଇ କ୍ରିକେଟ ଟୁର୍ଣ୍ଣାମେଂଟ କାର୍ଯ୍ୟକ୍ରମରେ କ୍ଲବର ସଭାପତି ସାହୁ, ଜୟନ୍ତ କୁମାର ସାହୁ, ଆଦର୍ଶ କୁମାର ସାହୁ, କାର୍ତ୍ତିକ ପୋଲେଇ, ସମ୍ବାଂଜନ ସାହୁ ରାଜେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ୧୫ ତମ ବାର୍ଷିକ ଭାଇଦେଇ କ୍ରିକେଟ ଟୁର୍ଣ୍ଣାମେଂଟ ରେ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ସାହାଯ୍ୟ କରିଥିଲେ ।

ନୂଆପଡାରେ ଓଡ଼ିଆ ପକ୍ଷରେ 'ଆମ ରୁଚି ଆମ ଖାଦ୍ୟ ଦିବସ' : ପାରମ୍ପରିକ ପିଠାପଣାର ମହକ

ନୂଆପଡ଼ା, ୧୩/୦୪(ଆ.ପ୍ର) : ଓଡ଼ିଆ ପକ୍ଷ ପାଳନ ଅବସରରେ ନୂଆପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ "ଆମ ରୁଚି ଆମ ଖାଦ୍ୟ ଦିବସ" ଭାବ୍ୟ ଭାବେ ପାଳିତ ହୋଇଯାଇଛି । ଏହି ଅବସରରେ ପାରମ୍ପରିକ ଓଡ଼ିଆ ଖାଦ୍ୟର ଆକର୍ଷଣୀୟ ପ୍ରଦର୍ଶନୀ ସହ ବିଭିନ୍ନ ପ୍ରତିଯୋଗିତାମାନେ ଆୟୋଜିତ ହୋଇଥିଲା । ସ୍ଥାନୀୟ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କହୁ ସଂଖ୍ୟାରେ ଯୋଗଦେଇ ଏଣ୍ଡୁରି ପିଠା, ଆରିଷା ପିଠା, ମାଣ୍ଡିଆ ପିଠା, ପୋଡ଼ି ପିଠା, ଦହିବରା, ମାଣ୍ଡିଆ ସରବତ ପରି ବିଭିନ୍ନ ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଏହା ଓଡ଼ିଆ ରନ୍ଧନ ଶୈଳୀର ସମୃଦ୍ଧ ପରମ୍ପରାକୁ ଉଜାଗର କରିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି

ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଡୁଆ, ବ୍ଲକ ଆଧ୍ୟକ୍ଷ ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଷମାଳିଧି ଭୋଲ, ବିଡିଓ ଲୋଚିତ ଲୋଲ ଓ ନୂଆପଡ଼ା ଏନଏସି ନିର୍ବାହୀ ଅଧିକାରୀ ସାଦାପ କୁମାର ଚନ୍ଦ୍ରକାର ସହ ଅନ୍ୟାନ୍ୟ ଅଧିମ୍ପାମାନେ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ଯୋଗଦେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ । ପରେ ବିଜେତାମାନଙ୍କୁ ଓ ପିଠା ପ୍ରଦର୍ଶନରେ ଅଂଶଗ୍ରହଣକାରୀ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ ମଧୁସୂଦନ ଦାଶ କହିଥିଲେ ଯେ, ଆମେ ଆଧୁନିକ ଖାଦ୍ୟ ପରିବର୍ତ୍ତେ ପାରମ୍ପରିକ ଓଡ଼ିଆ ଖାଦ୍ୟାଙ୍କୁ ଅଧିକ ଗ୍ରହଣ କରିବା ଉଚିତ । ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ସ୍ୱାସ୍ଥ

ସେତିକୁ ଆରମ୍ଭ
SETIKU ARAMBHA
ମଙ୍ଗଳବାର, ୧୪ ଅପ୍ରେଲ, ୨୦୨୬ : କାଲେଶ୍ୱର : ପୃଷ୍ଠା -୮

ମ୍ୟାଚ୍ ବେଳେ ଫୋନ ବ୍ୟବହାର, ରାଜସ୍ଥାନ ରୟାଲ୍ସକୁ ବିସିସିଆଇ ନୋଟିସ

ନୂଆଦିଲ୍ଲୀ, ୧୩/୪ (ନ୍ୟୁ.ଏ): ଅହୁଆରେ ଆଇପିଏଲ ସ୍ପର୍ଦ୍ଧାଳୁ ରାଜସ୍ଥାନ ରୟାଲ୍ସ । ମ୍ୟାଚ୍ ଚାଲିଥିବା ବେଳେ ଡଗଆଉଟରେ ବସି ଫୋନ ବ୍ୟବହାର କରିବା ରାଜସ୍ଥାନ ରୟାଲ୍ସର ଟିମ ମ୍ୟାନେଜର ରୋମି ଜିନ୍ଦେରଙ୍କୁ ମହଙ୍ଗା ପଡ଼ିଛି । ମ୍ୟାଚ୍ ବେଳେ ଖେଳାଳିଙ୍କ ପାଖରେ ବସି ଫୋନ ବ୍ୟବହାର କରିବା ଦୁର୍ନୀତି ନିରୋଧ ପ୍ରୋଟକଲର ଖୋଲା ଉଲ୍ଲଙ୍ଘନ । ଏହାର ଭିତ୍ତିରେ ସାମ୍ବାଦିକ ଆସିବା ପରେ ବିସିସିଆଇ ଘଟଣାର ତଦନ୍ତ ଆରମ୍ଭ କରିଛି । ତଦନ୍ତର ପ୍ରଥମେ ପଦକ୍ଷେପ ସ୍ୱରୂପ ବିସିସିଆଇ ପକ୍ଷରୁ ନୋଟିସ ଜାରୀ କରାଯାଇଛି । ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍ ବେଳେ ରୋମି ଓ ସେନ୍ସର ସୂର୍ଯ୍ୟାଂଶୀ ଏକାଠି ବସିଥିଲେ । ଡଗଆଉଟରେ ଉଭୟ ବସିଥିବା ବେଳେ ରୋମି ମୋବାଇଲର ବ୍ୟବହାର କରିଥିଲେ । ଏହାକୁ ସୂର୍ଯ୍ୟାଂଶୀ ଚାହିଁ ରହିଥିଲେ । ମୋବାଇଲ ଫୋନ ବ୍ୟବହାରର ଭିତ୍ତିରେ ସାମ୍ବାଦିକ ଆସିବା ପରେ ଏହାକୁ ନେଇ ବିବାଦ ଦେଖା ଦେଇଛି । ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦିଙ୍କ ପାଖୁ ଆରମ୍ଭ କରି ଅନେକ ଲୋକ ସିଧାସଳଖ ରୋମିଙ୍କ ବିରୋଧରେ ଲାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିବାଦ ଜଡୁଥିବାରୁ ବିସିସିଆଇର ଦୁର୍ନୀତି ନିରୋଧ ଓ ସୁରକ୍ଷା ଶାଖା(ACSU) ପକ୍ଷରୁ ରୋମିଙ୍କୁ ନୋଟିସ କରାଯାଇଛି । ମ୍ୟାଚ୍ ବେଳେ ଡଗଆଉଟରେ ବସି ସେ ଲାର୍ଜିଙ୍କ ମୋବାଇଲ ଫୋନର ବ୍ୟବହାର

କରୁଥିଲେ, ସେହିଥା ଜଣାଇବାକୁ ରୋମିଙ୍କୁ ୪୮ ଘଣ୍ଟାର ସମୟ ମିଳିଛି । ଆଇପିଏଲ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଅରୁଣ ଧୂମାଲ କହିଛନ୍ତି, "ଆମେ ଜରୁରୀଭାବେ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କହିଛୁ ।" ଆଉ ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ ରୋମିଙ୍କ ମୋବାଇଲ ବ୍ୟବହାରର ଲିଙ୍କ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସହ ସମ୍ପର୍କିତ ଜଡ଼ିତ । ରାଜସ୍ଥାନ ରୟାଲ୍ସର ମ୍ୟାନେଜର ରୋମି ଅତୀତରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇ କରିଥିଲେ । ସୁପରସୁପ ଜନିତ ସଂକ୍ରମଣ ଯୋଗୁ ତାଙ୍କୁ ନାଗପୁରର ଗୋଟିଏ ହସ୍ପିଟାଲରେ ଦୀର୍ଘ ସମୟ ଧରି ଆଡମିଟ ହେବାକୁ ପଡ଼ିଥିଲା । ସେ ନିଜର ଓଜନ ପ୍ରାୟ ୧୦ କେଜି ହରାଇଛନ୍ତି । ସେହିପରି ସେ ଶ୍ୱାସ ରୋଗରେ ପୀଡ଼ିତ । ଏଥିପାଇଁ ରୋମିଙ୍କୁ ମୋବାଇଲ ଧରି ଡଗଆଉଟକୁ ଆସିବାକୁ ଅନୁମତି ମିଳିଛି । ତେବେ ସେ ଘଟଣା ବେଳେ ଫୋନରେ ଲାଦା ସହ କଥା ହୋଇ ନଥାନ୍ତି କିମ୍ବା କୌଣସି କଲ ଗ୍ରହଣ କରି ନଥାନ୍ତି । ସେ କେବଳ ମୋବାଇଲକୁ ସ୍ପର୍ଶ କରିଥିଲେ । ତାଙ୍କ ପାଖରେ ମେଡିକାଲ ଜବାବ ଦେବାକୁ ସମୟ ରହିଛି । ସେ ସବୁ କିଛି ACSUକୁ କହିବେ ବୋଲି ଏହି ରିପୋର୍ଟରେ କୁହାଯାଇଛି ।

ମହିଳା ଟି୨୦ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି ଘୋଷଣା

ନୂଆଦିଲ୍ଲୀ, ୧୩/୪ (ନ୍ୟୁ.ଏ): ମହିଳା କ୍ରିକେଟକୁ ନୂତନ ଉଚ୍ଚତାରେ ପଏଁଚାଇବା ପାଇଁ ଆଇସିସିର ବଡ଼ ପଦକ୍ଷେପ । ଓରର ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ରେକର୍ଡ ପୁରସ୍କାର ରାଶି ଘୋଷଣା ହୋଇଛି । ଟୁର୍ଣ୍ଣାମେଂଟ ଆରମ୍ଭ ହେବାର ୬୦ ଦିନ ପୂର୍ବରୁ କରାଯାଇଥିବା ଏହି ଘୋଷଣା ଖେଳାଳି ଏବଂ ପ୍ରଶଂସକଙ୍କ ଉତ୍ସାହକୁ ବହୁଗୁଣିତ କରିଛି । ଇଂଲଣ୍ଡ ଏବଂ ୱେଲ୍ସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଂଟ ପାଇଁ ମୋଟ ପୁରସ୍କାର ରାଶି ୮,୭୬୪,୬୧୫ ଆମେରିକୀୟ ଡଲାର ବା ପ୍ରାୟ ୮୧ କୋଟି ୮୩ ଲକ୍ଷ ଟଙ୍କା ସ୍ଥିର କରାଯାଇଛି, ଯାହା ୨୦୨୫ ତୁଳନାରେ ୧୦ ପ୍ରତିଶତ ଅଧିକ । ଏଥର ପ୍ରଥମ ଥର ପାଇଁ ଟୁର୍ଣ୍ଣାମେଂଟରେ ୧୨ଟି ଦଳ ଅଂଶଗ୍ରହଣ କରିବେ । ପୁରସ୍କାର ରାଶି ବୃଦ୍ଧିରୁ ଚାମ୍ପିୟନ୍ ଦଳ ୨,୩୪୦,୦୦୦ ଆମେରିକୀୟ ଡଲାର (ପ୍ରାୟ ୨୧ କୋଟି ୮୪ ଲକ୍ଷ) ପାଇବେ, ଯେତେବେଳେ ଉପବିଜେତା ଦଳ ୧,୧୭୦,୦୦୦ (ପ୍ରାୟ ୧୦ କୋଟି ୯୨ ଲକ୍ଷ) ପାଇବେ । ଦୁଇ ପରାଜିତ ସେମିଫାଇନାଲିଷ୍ଟ ପ୍ରତ୍ୟେକ ୬,୭୫,୦୦୦ (ପ୍ରାୟ ୬.୨୯ କୋଟି) ପାଇବେ । ପ୍ରତ୍ୟେକ ଗ୍ରୁପ ମ୍ୟାଚ୍ ଜିତେଇ ୩୧,୧୫୪ ଆମେରିକୀୟ

ଡଲାର (ପ୍ରାୟ ୨୯ ଲକ୍ଷ ଟଙ୍କା) ପାଇବେ । ଟୁର୍ଣ୍ଣାମେଂଟର ସମସ୍ତ ୧୨ ଦଳ ଅତି କମରେ ୨.୦୬ କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ଏ ନେଇ ଆଇସିସି ସିଇଓ ଗଙ୍ଗୋଗ ଗୁପ୍ତା କହିଛନ୍ତି, 'ମହିଳା କ୍ରିକେଟ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଇସିସି ମହିଳା ଟି-୨୦ ବିଶ୍ୱକପକୁ ୧୨ ଦଳକୁ ବିସ୍ତାର କରିବା, ରେକର୍ଡ ପୁରସ୍କାର ରାଶି ଘୋଷଣା କରିବା, ଏକ ଶକ୍ତିଶାଳୀ ଏବଂ ଅଧିକ ପ୍ରତିଯୋଗିତାମୂଳକ ବିଶ୍ୱ ହୁଇଁଡ଼ା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ । ଏହି ବିଶ୍ୱର ସାମାଜିକ ଏବଂ ସାଂସ୍କୃତିକ ଦୃଶ୍ୟପଟ୍ଟ ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇବ ।' ଆଇସିସି ପକ୍ଷରୁ ଉତ୍ତରର ଐତିହାସିକ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଟୁର୍ଣ୍ଣି ଟୁର୍ଣ୍ଣ ମଧ୍ୟ ଆରମ୍ଭ ହୋଇଛି । ଏଠାରେ ପାକିସ୍ତାନ୍ ଉପରେ ଏକ ଚମତ୍କାର ପ୍ରଦର୍ଶନ ସହିତ ଟୁର୍ଣ୍ଣିକୁ ପ୍ରଥମ ଥର ପାଇଁ ପ୍ରଦର୍ଶିତ କରାଯାଇଛି । ଟୁର୍ଣ୍ଣିଟି ଏବେ ନେଦରଲ୍ୟାଣ୍ଡସ୍, ଆୟର୍ଲାଣ୍ଡ ଏବଂ ସ୍କଟଲାଣ୍ଡ ଭଳି ଦେଶ ଭ୍ରମଣ କରିବ ଏବଂ ଏହାପରେ ଇଂଲଣ୍ଡର ଆୟୋଜକ ସହରଗୁଡ଼ିକରେ ପହଂଚିବ । ଟୁର୍ଣ୍ଣାମେଂଟ ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଟ୍ରଫି ଟୁର୍ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ ବୋଲି ଆଶା କରାଯାଇଛି । ପ୍ରଥମ ଥର ପାଇଁ ମହିଳା ଟି-୨୦ ବିଶ୍ୱକପରେ ୧୨ଟି ଦଳ ଅଂଶଗ୍ରହଣ କରୁଥିବେ । ଏପର୍ଯ୍ୟନ୍ତ ୧୦ଟି ଦଳ ଅଂଶଗ୍ରହଣ କରୁଥିଲେ । ଏହି ଟୁର୍ଣ୍ଣାମେଂଟ ଜୁନ ୧୨ ତାରିଖରେ ଆରମ୍ଭ ହେବ । ଇଂଲଣ୍ଡ ଏବଂ ୱେଲ୍ସ ଏଥର ଏହି ଟୁର୍ଣ୍ଣାମେଂଟ ଆୟୋଜନ କରିବେ । ଟୁର୍ଣ୍ଣାମେଂଟର ପ୍ରଥମ ମ୍ୟାଚ୍ ଆୟୋଜକ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ମହିଳା ବିଶ୍ୱକପ୍ ଚାମ୍ପିଅନ୍ ଭାରତ ଜୁନ ୧୪ ତାରିଖରେ ବର୍ମିଂହାମର ଏଜବାଷ୍ଟନରେ ପାକିସ୍ତାନ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଦଳଗୁଡ଼ିକୁ ୬ ଜଣିଆ ଗ୍ରୁପରେ ବିଭାଜ କରାଯାଇଛି । ଗ୍ରୁପ୍ ଏରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନେଦରଲ୍ୟାଣ୍ଡସ୍, ପାକିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ଅଛନ୍ତି । ଗ୍ରୁପ୍ ବିରେ ଇଂଲଣ୍ଡ, ଆୟର୍ଲାଣ୍ଡ, କ୍ୟୁଇନ୍ସଲାଣ୍ଡ, ସ୍କଟଲାଣ୍ଡ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ୍ ଅଛନ୍ତି । ପ୍ରତ୍ୟେକ ଦଳ ସେମାନଙ୍କ ଗ୍ରୁପର ଅନ୍ୟ ଦଳଗୁଡ଼ିକୁ କିପକ୍ଷରେ ଗୋଟିଏ ମ୍ୟାଚ୍ ଖେଳିବେ । ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲକୁ ଯିବେ । ଫାଇନାଲ୍ କୁଆଳି ୫ ତାରିଖରେ ଲର୍ଡସ୍‌ରେ ଅନୁଷ୍ଠିତ ହେବ । ସାମଗ୍ରିକ ଭାବରେ ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ କେବଳ କ୍ରିକେଟରେ ନୁହେଁ, ପୁରସ୍କାର ରାଶି ଏବଂ ଲୋକପ୍ରିୟତାରେ ମଧ୍ୟ ଇତିହାସ ସୃଷ୍ଟି କରିବ ବୋଲି ଆଶା ରଖାଯାଇଛି ।

ଆଇଏମ୍‌ଏଫ୍‌ର ଦୋମୁହାଁ ନୀତି:ଭାରତକୁ ଦିଏ ମନ୍ଦ ପରାମର୍ଶ

ନୂଆଦିଲ୍ଲୀ, ୧୩/୪ (ନ୍ୟୁ.ଏ): ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଦୋମୁହାଁ ନୀତି ନେଇ କାମ କରୁଛନ୍ତି । ଧନୀ ଓ ଗରିବ ଦେଶମାନଙ୍କୁ ଏହା ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖୁଛି । ଏହା ଧନୀ ଦେଶମାନଙ୍କୁ ଆରକୁ ବଢ଼ିବା ଓ ସୁଧାଇବା ଭଳି ପ୍ରଗତିଶୀଳ ଟିକସ ପ୍ରସ୍ତାବ ଦେଉଛି । କିନ୍ତୁ ଗରିବ ଦେଶମାନଙ୍କୁ ଦେଉଥିବା ପ୍ରସ୍ତାବ ସେହି ଦେଶଗୁଡ଼ିକରେ ଅସମାନତା ବଢ଼ାଉଛି । ତାହାର ପ୍ରଭାବରେ ଧନୀମାନଙ୍କ ତୁଳନାରେ ଗରିବଙ୍କ ଉପରେ ଟିକସ ବୋଝ ଅଧିକ ରହୁଛି । ଅକ୍ସଫାମ୍ ପକ୍ଷରୁ ଜାରି କରାଯାଇଥିବା ଏକ ରିପୋର୍ଟରେ ଏହି ଦାବି କରାଯାଇଛି । ୨୦୨୨ରୁ ୨୦୨୫ ମଧ୍ୟରେ ଆଇଏମ୍‌ଏଫ୍ ଲାଭରୁ ସର୍ବାଧିକ ସଂଖ୍ୟକ ପରାବର୍ତ୍ତାମୀ ଟିକସ ପ୍ରସ୍ତାବ ଦେଇଥିଲା ବୋଲି ଜଣାପଡ଼ିଛି । ଯେଉଁ ବ୍ୟବସ୍ଥାରେ ଧନୀଙ୍କ ଉପରେ ଟିକସ ବୋଝ କମ୍ ଓ ଗରିବଙ୍କ ଉପରେ ଅଧିକ ରହିଥାଏ ତାହାକୁ ପରାବର୍ତ୍ତାମୀ ଟିକସ ବ୍ୟବସ୍ଥା କୁହାଯାଏ । ଆଇଏମ୍‌ଏଫ୍ ଗରିବ ଓ ନିମ୍ନ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ସୁଧାଖର ଏହିଭଳି ପରାବର୍ତ୍ତାମୀ ଟିକସ ପ୍ରସ୍ତାବ ଦେଉଛି । ଆଇଏମ୍‌ଏଫ୍‌ର ଟିକସ ପ୍ରସ୍ତାବଗୁଡ଼ିକୁ ଅନୁଶୀଳନ କରି ଅକ୍ସଫାମ୍ ଜାଣିବାକୁ ପାଇଛି ଯେ ଗରିବ ଓ ନିମ୍ନ ମଧ୍ୟମ ଆୟ ବର୍ଗର ଦେଶମାନଙ୍କୁ ଏମାନ ଦେଉଥିବା ୫୯ ପ୍ରତିଶତ ଟିକସ ପ୍ରସ୍ତାବ ପରାବର୍ତ୍ତାମୀ ଥିଲା । ଧନୀଙ୍କ ବର୍ଗର ଦେଶମାନଙ୍କୁ ଦେଇଥିବା ୫୨ ପ୍ରତିଶତ ପ୍ରସ୍ତାବ ପ୍ରଗତିଶୀଳ ଥିଲା । ଗରିବ ଦେଶଗୁଡ଼ିକୁ ଏହା ଦେଉଥିବା ପ୍ରସ୍ତାବ ଅସମାନତାକୁ କମ୍ କରିବା ବଦଳରେ ବଢ଼ାଉଥିବା ଅକ୍ସଫାମ୍

କହିଛି । ୨୦୨୨-୨୪ ମଧ୍ୟରେ ଆଇଏମ୍‌ଏଫ୍ ୧୨୫ଟି ଦେଶକୁ ୧୦୪୯ଟି ଟିକସ ପ୍ରସ୍ତାବ ଦେଇଥିଲା । ସେଥିରୁ ୩୦ ପ୍ରତିଶତ ପୁଞ୍ଜି ଲାଭ ଟିକସ ସମ୍ପର୍କିତ ଥିଲା । ଏହା ଆମେରିକା, ବ୍ରାଜିଲ, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ବ୍ରିଟେନ, ନେଦରଲ୍ୟାଣ୍ଡସ୍, ସ୍ପିଟେନ, ନରୱେ, ଚୀନ, କାଜାଖସ୍ତାନ, ଆଙ୍ଗୋଲା ଓ ବୋଟସ୍ୱାନାକୁ ପ୍ରତିଶୀଳ ପ୍ରସ୍ତାବ ଦେଉଛି । ଗରିବ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ଆଇଏମ୍‌ଏଫ୍ ଦେଉଥିବା ଟିକସ ପ୍ରସ୍ତାବ ଦ୍ୱାରା ସମାଜର ମଧ୍ୟମ ଓ ନିମ୍ନ ମଧ୍ୟମ ଆୟ ବର୍ଗର ଲୋକମାନଙ୍କ ଉପରେ ଟିକସ ବୋଝ ଅଧିକ ରହୁଛି । ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ଆଇଏମ୍‌ଏଫ୍ ଏଭଳି ମନ୍ଦ ପ୍ରସ୍ତାବ ଦେଉଛି । ଏହା ବ୍ୟତୀତ ଲାଟିନ୍ ଆମେରିକାର ଦେଶ, କାରିବୀୟ ଦେଶ ଓ ଉପ ସାହାରା ଆଫ୍ରିକୀୟ ଦେଶଗୁଡ଼ିକ ପ୍ରତି ମଧ୍ୟ ଆଇଏମ୍‌ଏଫ୍‌ର ଆଚରଣ ସେଭଳି ଖରାପ ରହିଛି । ଚିଲି, ନାଇଜେରିଆ ଓ ହଙ୍ଗେରିକୁ ଏହା ଦେଇଥିବା ପ୍ରସ୍ତାବ ସେହି ଦେଶବାସୀଙ୍କ ଉପରେ ଟିକସ ବୋଝ ବଢ଼ାଇଛି । ଅକ୍ସଫାମ ଇଂଟରନ୍ୟାଶନାଲ୍‌ର ଖ୍ୟାତିମନ୍ତ କାର୍ଯ୍ୟାଳୟ ମୁଖ୍ୟ କେଟ ବୋନାଲ୍ସ କହିଛନ୍ତି ଯେ ଆଇଏମ୍‌ଏଫ୍ ପକ୍ଷପାତ ନୀତି ନେଇ କାମ କରୁଛି । ଏହା ମୁଖ୍ୟତଃ ଧନୀ ଦେଶଗୁଡ଼ିକୁ ପ୍ରଗତିଶୀଳ ପ୍ରସ୍ତାବ ଓ ଗରିବ ଦେଶମାନଙ୍କୁ ପରାବର୍ତ୍ତାମୀ ପ୍ରସ୍ତାବ ଦେଉଛି । ଏହା ସବୁ ସଦସ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖୁବା ଦରକାର ବୋଲି ସେ କହିଛନ୍ତି । ଆଇଏମ୍‌ଏଫ୍‌ର ଅଧିକାଂଶ ଟିକସ ପ୍ରସ୍ତାବ ଦୁଇ ତିନି ଧାଡ଼ିଆ ହୋଇଥାଏ । ସେଥିରେ ପ୍ରତିନିଟ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ କୁହାଯାଇଥାଏ । ମାତ୍ର ୧୦ ପ୍ରତିଶତ ପ୍ରସ୍ତାବ ଜିଙ୍ଗଗତ ଅସମାନତା ଦୂର କରିବାକୁ ଦିଆଯାଇଥିବା ବୋଲି ଆଇଏମ୍‌ଏଫ୍ ଅଭିଯୋଗ କରିଛି । ଯେଉଁଭଳି ପ୍ରକାର ଆର୍ଥିକ ପ୍ରସ୍ତାବ ଦେବା ବେଳେ ଅସମାନତାକୁ ଆଇଏମ୍‌ଏଫ୍ ଧ୍ୟାନ ଦେବା ଉଚିତ ବୋଲି ବୋନାଲ୍ସ କହିଛନ୍ତି । ଲୋକଙ୍କ ଉପରେ ଟିକସ ବୋଝ ବଢ଼ାଉଥିବା ଭଳି ପ୍ରସ୍ତାବଠାରୁ ଦୂରେଇ ରହିବା ଓ ସମାଜର ସବୁ ବର୍ଗ ଉପରେ ଟିକସର ଚାପ ଯେପରି ସମାନ ରହିବ, ସେଥିପ୍ରତି ଆଇଏମ୍‌ଏଫ୍ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । କମ୍ପାନି ଟିକସ କମ୍ କରିବା ଲାଗି ଦିଆଯାଉଥିବା ପ୍ରସ୍ତାବ ବନ୍ଦ କରିବା ଏବଂ ସମ୍ପତ୍ତି ଆଧାରରେ ଟିକସ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ଅକ୍ସଫାମ ପରାମର୍ଶ ଦେଉଛି । ଯେଉଁ ପ୍ରସ୍ତାବ ଦିଆଯାଉଛି ତାହାର ପ୍ରଭାବ କେଉଁ ବର୍ଗ ଉପରେ କିଭଳି ରହୁଛି, ତାହାକୁ ନେଇ ରିପୋର୍ଟ ଜାରି କରିବାକୁ ମଧ୍ୟ ଆଇଏମ୍‌ଏଫ୍‌କୁ ଆହ୍ୱାନ ଦିଆଯାଇଛି ।

ହର୍ମୁଜ ଉପରେ ଆମେରିକାର ଘେରାବନ୍ଦୀ ପରେ ଫଶି ରହିଛି ଭାରତର ୧୫ ଜାହାଜ

ନୂଆଦିଲ୍ଲୀ, ୧୩/୪ (ନ୍ୟୁ.ଏ): ପାକିସ୍ତାନରେ ଆମେରିକା-ଇରାନ ଆଲୋଚନା ବିଫଳ ହେବା ପରେ, ଆମେରିକା ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ଦାବି କରିଛି । ଏହି ଘୋଷଣା ଭାରତୀୟ ଜାହାଜ ପାଇଁ ଅସୁବିଧା ବଢ଼ାଇ ଦେଇଛି । ହର୍ମୁଜରେ ବହୁ ସଂଖ୍ୟାରେ ଜାହାଜ ଫଶି ରହିଛନ୍ତି । ଏଥି ଭିତରେ କେନ୍ଦ୍ର ସରକାର ହର୍ମୁଜରେ ଫଶିଥିବା ଭାରତୀୟ ଜାହାଜକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି , ହରମୁଜରେ ୧୫ଟି ଭାରତୀୟ ଜାହାଜ ଫସି ରହିଛି । ସେମାନଙ୍କୁ ଲଙ୍ଗର କରିବା ପାଇଁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରୁଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ବର୍ତମାନ ଉପସାଗରୀୟ ଅଂଚଳରେ ସବୁ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ଗତ ୨୪ ଘଂଟାରେ ଭାରତୀୟ ପତାକା ଥିବା ଜାହାଜ ସହ କୌଣସି ଅପ୍ରିୟ ଘଟଣା ଘଟିଥିବାର ସୂଚନା ମିଳିନି । ସରକାର ସ୍ଥିତି ଉପରେ ଲଗାତାର ନଜର ରଖୁଛନ୍ତି । ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ, ପଶ୍ଚିମାଞ୍ଚଳ ଉପସାଗରର ପଶ୍ଚିମ ଭାଗରେ ଏବେ ବି ୧୫ଟି ଭାରତୀୟ ପତାକାଧାରୀ ଜାହାଜ ଫସି ରହିଛି । ଏଥିରେ ଗୋଟିଏ ଏଲ-ଏନଜି ଜାହାଜ, ଗୋଟିଏ ଖାଲି ଏଲପିଜି ଜାହାଜ, ଛଅଟି ଅଶୋଧିତ

ତୈଳ ଟାଙ୍କର୍ (ପାଂଚଟି ପୂର୍ଣ୍ଣ ଏବଂ ଗୋଟିଏ ଖାଲି), ତିନୋଟି କଂଟେନର୍ ଜାହାଜ, ଗୋଟିଏ ଟ୍ରେଡିଂ ଏବଂ ଗୋଟିଏ ଗାଷାୟନିକ ଜାଗେଁ ଜାହାଜ ରହିଛି । ଭାରତୀୟ ନୌସେନା ଏହି ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ଖାଲି କରିବା ପାଇଁ ଲଗାତାର ଚେଷ୍ଟା ଜାରି ରଖୁଛି । ସୁଦ୍ଧ ଆରମ୍ଭ ହେବା ମାତ୍ରେ ଭାରତୀୟ ନୌସେନା ଏକ ଅତିରିକ୍ତ ଟାସ୍କ ଫୋର୍ସ ଗଠନ କରିଥିଲା । ନୌସେନା ପାଗସ୍ୟ ଉପସାଗରରେ ପ୍ରବେଶ କରୁଳାହିଁ, କିନ୍ତୁ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଭାରତୀୟ ଜାହାଜଗୁଡ଼ିକୁ ମାଲିଗେସନ୍ ଏବଂ ଯୋଗାଯୋଗ ସହାୟତା ଯୋଗାଇ ଦେଉଛି । ଜାହାଜଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ଦେଇ ଯିବା ପରେ, ନୌସେନା ଜାହାଜଗୁଡ଼ିକ ଓମାନ ଉପସାଗର ଦେଇ ସୁରକ୍ଷିତ ଭାବରେ ସୁରକ୍ଷା ଦେଇ ଉତ୍ତର ଆରବ ସାଗରକୁ ନେଇଯାଏ । ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ପ୍ରତିରକ୍ଷା ମୁଖ୍ୟ ଏବଂ ନୌସେନା ମୁଖ୍ୟ ବ୍ୟକ୍ତିଗତ ଭାବରେ ଏହି ଅଭିଯାନ ଉପରେ ନଜର ରଖୁଛନ୍ତି । ଏହା ଭିତରେ ସବୁଠାରୁ ବଡ଼ ଆଶ୍ୱସ୍ତିର କଥା ହେଲା ଭାରତୀୟ ଜାହାଜ 'ଜଗ ବିକ୍ରମ' ଏଲପିଜି ନେଇ ୧୧ ଏପ୍ରିଲରେ ହର୍ମୁଜ ପାର କରିସାରିଛି । ଏହି ଜାହାଜ ୨୦,୪୦୦ ମେଟ୍ରିକ୍ ଟନ୍ ଗ୍ୟାସ୍ ଏବଂ ନାବିକଙ୍କ ସହ ୧୪ ଏପ୍ରିଲରେ ଭାରତର କାଣ୍ଡଲା ବନ୍ଦରରେ ପହଁଚିବ । ବର୍ତମାନ ଭାରତର ସବୁ ବନ୍ଦରର ସଂଚାଳନ ସ୍ୱାଭାବିକ ରହିଛି । ଏବେ ?ଅସି ପ୍ରକାର ସମସ୍ୟା ନାହିଁ । ଭାରତରେ ଥିବା ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ସୋମବାର କହିଛନ୍ତି, ଇରାନ ହର୍ମୁଜରୁ ଜାହାଜର ଯିବା ଆସିବା କରିବାରେ ଭାରତ ସହ ଯୋଗାଯୋଗରେ ଅଛି । ସେ କହିଛନ୍ତି, ଭାରତର ଭାରତ ସହିତ ଭଲ ସମ୍ପର୍କ ରହିଛି ଏବଂ ଭାରତୀୟ ଜାହାଜଗୁଡ଼ିକୁ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରିବାରେ ସାହାଯ୍ୟ କରିବାକୁ ଚାହୁଁଛି । ସେ ଏହା ମଧ୍ୟ କହିଛନ୍ତି ଯେ ଇରାନ ହରମୁଜ୍ ପ୍ରଣାଳୀ ଦେଇ ପରିବହନ କରୁଥିବା ଭାରତୀୟ ଟ୍ୟାଙ୍କରଗୁଡ଼ିକଠାରୁ କୌଣସି ଟୋଲ୍ ଆଦାୟ କରିନାହିଁ ।

ଏସ୍‌ଆଇଆରରେ ନାଁ କଟିଥିବା ବେଙ୍ଗଲ ଭୋଟରଙ୍କୁ ମତଦାନ ଅଧିକାର ଦେଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩/୪ (ନ୍ୟୁ.ଏ): ପଶ୍ଚିମବଙ୍ଗରେ ଖେଳାଳ ଜନଜେନସିସ୍ ରିଭିଜନ୍ ବା ଏସଆଇଆରରୁ ପଛିୟାଲୁ ବାଦ୍ ପଡିଥିବା ଭୋଟରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା । ସର୍ବୋଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗର ୩୪ ଲୋକଙ୍କୁ ଭୋଟ ଦେବାକୁ ଅନୁମତି ପ୍ରଦାନ କରିନାହାନ୍ତି, ଯେଉଁମାନଙ୍କ ନାମ ଏସ